Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 217
Tuesday, 13 October 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୩ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସିଇସିଙ୍କ ବିରୋଧରେ ଦିଲ୍ଲୀରେ ଇଣ୍ଡି ମେଂଟର ମହାଗର୍ଜନ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବିରେ ଦିଲ୍ଲୀ ରାଜରାସ୍ତାରେ ବିରୋଧୀଙ୍କ ପ୍ରଚଣ୍ଡ ବିସ୍ଫୋରଣ! ସିଧାସଳଖ ସୁପ୍ରିମକୋର୍ଟ ଅଭିମୁଖେ ମାଡ଼ିଚାଲିଲେ ହଜାର ହଜାର ନେତା ଓ କର୍ମୀ! ରାଜଧାନୀ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବିରାଟ ଶକ୍ତିପ୍ରଦର୍ଶନ କରିଛି 'ଇଣ୍ଡି' ମେଂଟ । 'ଚଲୋ ଦିଲ୍ଲୀ-ଗଣତନ୍ତ୍ର ପାଇଁ ପଦଯାତ୍ରା' ମାଧ୍ୟମରେ ସାରା ଦେଶର ରାଜନୈତିକ ମହଲରେ ଭୂକମ୍ପ ସୃଷ୍ଟି ହୋଇଛି । ଗଣତନ୍ତ୍ର ଓ ନିର୍ବାଚନର ସ୍ୱଚ୍ଛତା ରକ୍ଷା ନାଁରେ ବିରୋଧୀ ଦଳ ଏକାଠି ହୋଇ ସରକାର ଏବଂ ନିର୍ବାଚନ ଆୟୋଗଙ୍କ ବିରୋଧରେ ଯୁଦ୍ଧଂଦେହି ନାହାରା ଦେଇଛନ୍ତି । ତାରାଖମ୍ବାରୁ ସୁପ୍ରିମକୋର୍ଟ ଅଭିମୁଖେ ବାହାରିଥିବା ଏହି ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ । ଏଥିରେ ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, ରେବନ୍ତ ରେଡ୍ଡି, ଡି.କେ. ଶିବକୁମାର ଓ ମମତା ବାନାର୍ଜୀଙ୍କ ସମେତ ମେଂଟର ବହୁ ଶୀର୍ଷ ନେତା ଓ ହଜାର ହଜାର କର୍ମୀ ସାମିଲ ହୋଇଥିଲେ । ବିକ୍ଷୋଭ ବେଳେ କେତେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କର୍ମୀମାନେ ବ୍ୟାରିକେଡ୍ ଉପରେ ଚଢ଼ି ଜୋରଦାର ନାରାବାଜି କରିଥିଲେ । ରାହୁଲ ନିଜେ କୋର୍ଟରେ ପହଂଚିବା ଯୋଜନା ଥିଲେ ବି ସମୟାଭାବରୁ ତାଙ୍କ ଲିଗାଲ୍ ଟିମ୍ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଛି । ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ପର୍କିତ ସମସ୍ତ ଯାଚିକାର ମିଳିତ ଶୁଣାଣି ଆସନ୍ତା ଅକ୍ଟୋବର ୨୭ରେ କରିବେ । କେନ୍ଦ୍ର ସରକାର ଜାଣିଶୁଣି ସିଇସି ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ । ତାଙ୍କୁ ତୁରନ୍ତ ପଦରୁ ନହଟାଇବା ଯାଏଁ ଏହି ଲଢ଼େଇ ଜାରି ରହିବ ବୋଲି ମେଂଟ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି । ଅନ୍ୟପଟେ କଂଗ୍ରେସ ତଥା ଇଣ୍ଡି ମେଂଟକୁ କଡ଼ା ଭାଷାରେ ଜବାବ ଦେଇଛି ବିଜେପି । ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ ନା ଅଛି କୌଣସି ତଥ୍ୟ, ନା ଅଛି ଯୁକ୍ତି; କେବଳ ଦେଶରେ ଅରାଜକତା ଓ ଅସ୍ଥିରତା ସୃଷ୍ଟି କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ । ଆଜି ଦିଲ୍ଲୀ ରାଜରାସ୍ତାରେ କେବଳ ଇଣ୍ଡି ମେଂଟ ନୁହେଁ, ବରଂ ଆମ୍ ଆଦ୍‌ମୀ ପାର୍ଟି ଓ ବିଭିନ୍ନ ଆଇନଜୀବୀ ସଂଗଠନ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେପଟେ ରାହୁଲଙ୍କ ଏହି ଆନ୍ଦୋଳନକୁ ବିରୋଧ କରି କଂଗ୍ରେସ ମୁଖ୍ୟାଳୟ ଆଗରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜୋରଦାର ପାଲଟା ପ୍ରତିବାଦ କରାଯାଇଥିଲା । ଏହି ଘଟଣାକୁ ନେଇ ସମଗ୍ର ରାଜଧାନୀରେ ରାଜନୈତିକ ପାରଦ ଉପରକୁ ଉଠିଛି ଏବଂ ଆଗାମୀ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଉପରେ ଏବେ ସାରା ଦେଶର ନଜର ରହିଛି ।

ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ କେରଳମ୍ ବିଧାନସଭାରେ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ବିଧାନସଭାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଗୋଟିଏ ସଂକଳ୍ପ ପାରିତ ହୋଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରକୁ ନେଇ ବିବାଦ ଭିତରେ କେରଳମ ବିଧାନସଭା ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ଏପରି ପଦକ୍ଷେପ ନେଇ ଇତିହାସ ରଚିଥିବା ମୁଖ୍ୟମନ୍ତ୍ରୀ ଭିଡି ସତୀଶନ କହିଛନ୍ତି । ସେ ହିଁ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ହଟାଇବାକୁ ବିଧାନସଭାରେ ପ୍ରସ୍ତାବ ଆଗତ କରିଥିଲେ । ଆଉ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ସହ ବିରୋଧୀ ବାମଦଳ ଏହାକୁ ସମର୍ଥନ କରିଥିଲା । ଏହାପରେ ଏହି ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଛି । ମୁଖ୍ୟମନ୍ତ୍ରୀ ସତୀଶନ କହିଛନ୍ତି, "ଭୋଟ ଦେବାର ଅଧିକାର ଆମ ଗଣତନ୍ତ୍ରର ମୂଳଦୁଆ । ଆମ ଦେଶର ଲୋକଙ୍କ ଅଧିକାରକୁ ଦୁର୍ବଳ କରିବାର ଅନୁମତି କୌଣସି ସଂସ୍ଥାର ନାହିଁ । ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ । ଭୋଟ ଦେବାର ଅଧିକାର ସୁରକ୍ଷିତ ରହିବା ଦରକାର । ସମ୍ବିଧାନ ଲାଗୁ ହେବା ଉଚିତ । ଗଣତନ୍ତ୍ର କାଏମ ରହୁ । କେରଳମ ସବୁବେଳେ ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ସପକ୍ଷରେ ରହିଛି । କେରଳମ ଏବେ ଇତିହାସ ରଚିଛି । ପ୍ରଥମଥର ପାଇଁ କେରଳମ ବିଧାନସଭା ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ସଂକଳ୍ପ ପାରିତ ହୋଇଛି । ଆମ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାରେ କୌଣସି ପ୍ରକାରର ବୁଝାମଣା କରାଯାଇ ପାରିବ ନାହିଁ ।" ଏହାପୂର୍ବରୁ ବିଧାନସଭାରେ ଜ୍ଞାନେଶ କୁମାର ବିରୋଧୀ ସଂକଳ୍ପ ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରୁ ଅନେକ ଲୋକଙ୍କୁ ହଟାଇ ଦିଆଯିବାର ଲକ୍ଷଲକ୍ଷ ଅଭିଯୋଗ ରହିଛି । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ସ୍ପଷ୍ଟ ଉଲ୍ଲଙ୍ଘନ । ଭୋଟର ତାଲିକାର ସଂଶୋଧନ, ଯୋଗ୍ୟ ଭୋଟରଙ୍କୁ ହତାଦର ଓ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ଉଠିଥିବା ଚିନ୍ତାକୁ ଆଦୌ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ସେ କହିଥିଲେ । ସଂକଳ୍ପରେ ଏସ୍‌ଆଇଆରକୁ ନେଇ ହୋଇଥିବା ଅନିୟମିତତାର ଯାଂଚ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ଦାବି କରାଯାଇଛି । ଏଥିସହ ସିଇସିଙ୍କୁ ହଟାଇବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ମଧ୍ୟ ସଂକଳ୍ପ ଜରିଆରେ କେରଳମ ବିଧାନସଭା କହିଛି । ନିର୍ବାଚନ କମିଶନ ଚୟନ ପାଇଁ ଗଠନ କମିଟିରେ ସଂଶୋଧନ କରିବା ସହ ବିରୋଧୀ ଦଳ ନେତାଙ୍କ ସହ ପ୍ରଧାନ ବିଚାରପତି ସାମିଲ କରିବାକୁ ମଧ୍ୟ ସଂକଳ୍ପରେ ପରାମର୍ଶ ଦିଆଯାଇଛି ।

ହାଇଭୋଲଟେଜ୍ ପଲିଟିକ୍ସ, ହୁଲସ୍ଥୁଲ୍ କ୍ୟାମ୍ପସ

ଭୁବନେଶ୍ୱର, ୧୨/୧୦ (ଆ.ପ୍ର) : ବଢ଼ୁଛି କ୍ୟାଂପସ୍ ହିଂସା । ବଡ଼ ନେତାଙ୍କ ସମ୍ମାନ ପାଇଁ ଉଗ୍ରରୂପ ନେଉଛି ଛାତ୍ର ଅଶାନ୍ତି । ରାଜ୍ୟ ତମାମ ଏଭଳି ସ୍ଥିତି । କେଉଁଠି ବୋମା ଫୁଟୁଛି ତ ଆଉ କେଉଁଠି ମାରଣାସ୍ତ୍ର ଦ୍ୱାରା ଆକ୍ରମଣ । କଳୁଷିତ କ୍ୟାଂପସ୍ ସ୍ଥିତି ପାଇଁ ସରକାରୀ ଦଳକୁ ଦାୟୀ କରିଛି ବିଜେଡି । ସେପଟେ ବିଜେପିର ଯୁକ୍ତି ବିରୋଧୀ ହାରିବା ଥୟ ଜାଣି ହିଂସାକାଣ୍ଡ ଘଟାଉଛନ୍ତି । ଏହାରି ଭିତରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଚାର ବି ଜୋର ଧରିଛି । ହାଇ ଭୋଲଟେଜ୍ ପଲିଟିକ୍ସ ଭିତରେ ହୁଲସ୍ଥୁଲ୍ କ୍ୟାଂପସ୍: ବିଜେଡି ହେଉ କି ବାଣୀବିହାର, ସବୁଠି ଉଗ୍ର ଛାତ୍ର ଅଶାନ୍ତି, ଚରିତ୍ର ନେତାଙ୍କ ଏଂଟ୍ରି ପରଠୁ କେଉଁଠି ଫୁଟୁଛି ବୋମା, କେଉଁଠି ବୁଲୁଛି ମାରଣାସ୍ତ୍ର, ତେଜୁଛି ରାଜନୀତି, ବିଜେପି କହିଲା ହାରିବା ଭୟରେ ହିଂସା କରୁଛନ୍ତି ବିରୋଧୀ । ଛାତ୍ର ସଂସଦ ନିର୍ବାଚନ ପାଇଁ ପଡୁଛି ଉଠୁଛି କ୍ୟାମ୍ପସ୍ । ହେଲେ ପ୍ରଚାର ଠାରୁ ବଢ଼ି ଯାଉଛି ହିଂସାକାଣ୍ଡ । କେଉଁଠି ଖଣ୍ଡା ବୁଲିଲାଣି ତ କେଉଁଠି ଫୁଟିଲାଣି ବୋମା । ଆଉ କେଉଁଠି ପୋଲିସ୍ ଉପସ୍ଥିତିରେ ବି ହାତାହାତି ହେଉଯାଉଛନ୍ତି ଦୁଇ ଛାତ୍ର ଗୋଷ୍ଠୀ । ଗତକାଲି ପିପିଲି ରେ ବିଜେଡି କଲେଜର ଗୋଟିଏ ଗୋଷ୍ଠୀ ଭୋଜି କରୁଥିଲେ । ଏହି ସମୟରେ ଆଉ ଏକ ଗୋଷ୍ଠୀର କିଛି ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏବିଭିପି ସଭାପତି ପ୍ରାର୍ଥୀ ଆରୟନ୍ ମହାପାତ୍ରଙ୍କର ମୁଣ୍ଡ ଫାଟିଲା । ଆଜି ସେଇ ବ୍ୟାଣ୍ଡେଜ ମୁଣ୍ଡରେ ବି ପ୍ରଚାର ଜାରି ରଖିଛନ୍ତି ଆରୟନ୍ । ଇଏ ହେଲା ବାଣୀବିହାରର ଦୃଶ୍ୟ । ଗତକାଲି ରାତିରେ କେହି ଦୁର୍ବୃତ୍ତ କ୍ୟାମ୍ପସରେ କରିଛି ବୋମା ମାଡ । ଯାହାକୁ ନେଇ କ୍ୟାମ୍ପସ ଅଶାନ୍ତ ହୋଇଛି । ଏହାପରେ ବିଶ୍ୱବିଦ୍ୟାଳୟ ପରିସରରେ ସିସିଟିଭି ଅଧିକ ମାତ୍ରାରେ ଲଗାଯାଇ ନଜର ରଖାଯାଉଛି ଦୁର୍ବୃତ୍ତଙ୍କ ଉପରେ । ବାପା ଉତେଜନା ଭିତରେ ଆଜି ବି କ୍ୟାମ୍ପସରେ ପ୍ରଚାର ଜମିଛି । ଆଉ ଖାଇବା ପିଇବା ଆସର ବି ହୋଇଛି । ସେହିପରି ବାଙ୍କୀ କଲେଜରେ ବି ଗତକାଲି ବୋମା ମାଡ଼ ହୋଇଛି ।

ଓଡିଶାର ନୂଆ ରାଜ୍ୟପାଳ ହେଲେ ବ୍ରଜମୋହନ ରାମ

ଭୁବନେଶ୍ୱର, ୧୨/୧୦ (ଆ.ପ୍ର) : ବଦଳିଲେ ଓଡ଼ିଶାର ରାଜ୍ୟପାଳ । ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ହେଲେ ବ୍ରଜମୋହନ ରାମ । ଓଡିଶା ସହ ୬ଟି ରାଜ୍ୟର ରାଜ୍ୟପାଳ ପରିବର୍ତନ ହୋଇଛନ୍ତି ।ସିକ୍କିମ, କେରଳ, କର୍ଣ୍ଣାଟକ, ଉତରାଖଣ୍ଡ, ତାମିଲନାଡୁର ରାଜ୍ୟପାଳ ବଦଳିଛନ୍ତି । ଏନେଇ ସୋମବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଝାଡଖଣ୍ଡ ବିଜେପିର ପୂର୍ବତନ ଏମପି ହେଉଛନ୍ତି ବ୍ରଜମୋହନ ରାମ । ସେ ଝାଡ଼ଖଣ୍ଡର ପାଲାମୁ ଲୋକସଭା ଆସନରୁ ବିଜେପି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ ଥିଲେ ସାଂସଦ । ୧୯୯୬, ୧୯୯୮ ଓ ୧୯୯୯ ମସିହାରେ ସେ କ୍ରମାଗତ ଭାବେ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ଲୋକସଭା ସାଂସଦ ହେବା ପୂର୍ବରୁ ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ବିହାର ବିଧାନସଭାର ସଦସ୍ୟ ଥିଲେ । ଏହା ସହିତ ସେ ଝାଡ଼ଖଣ୍ଡରେ ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ୧୯୫୮ ଜାନୁଆରୀ ୧ ତାରିଖରେ ଝାଡ଼ଖଣ୍ଡର ପଲାମୁ ଜିଲ୍ଲା ଅନ୍ତର୍ଗତ ଚାନ୍ଦୱାଠାରେ ତାଙ୍କର ଜନ୍ମ । ସେ ରାଂଚି ବିଶ୍ୱବିଦ୍ୟାଳୟରୁ ୧୯୮୧ ମସିହାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସେହିପରି ସିକିମ, କେରଳ, କର୍ଣ୍ଣାଟକ, ଉତରାଖଣ୍ଡ, ତାମିଲନାଡୁର ରାଜ୍ୟପାଳ ବଦଳିଛନ୍ତି ।ସିକ୍କିମ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମର ରାଜ୍ୟପାଳ ଏବଂ କେରଳମର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଏଥିସହ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ବାଲ ସିଂହ ବିସେନଙ୍କୁ ଉତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି ।

ରବର୍ଟ ଇ ହାଲ ଓ ମାଇକେଲ ଉଡଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ୨୦୨୬ ବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ଚଳିତ ବର୍ଷ ଆମେରିକାର ଦୁଇ ପ୍ରସିଦ୍ଧ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ୍ ଉଡଫୋର୍ଡଙ୍କୁ ମିଳିତ ଭାବେ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି । ଅର୍ଥନୈତିକ ସ୍ଥିରତା ରକ୍ଷା କରିବା ଦିଗରେ ସେମାନଙ୍କ ଉଲ୍ଲେଖନୀୟ ଗବେଷଣା ପାଇଁ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି । ବିଶ୍ୱର ବିଭିନ୍ନ ଦେଶ ମୁଦ୍ରାସ୍ଫୀତି, ଆର୍ଥିକ ମାନ୍ଦାବସ୍ଥା ଏବଂ ଅର୍ଥନୈତିକ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ବେଳେ ଏହି ଦୁଇ ଅର୍ଥନୀତିଜ୍ଞଙ୍କ ଗବେଷଣା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଉଭୟଙ୍କ ଗବେଷଣା ମୁଖ୍ୟତଃ ବୃହତ୍ ଅର୍ଥନୀତିର ସ୍ଥିରତା ଏବଂ ଏହାର ସୂକ୍ଷ୍ମ ଅର୍ଥନୈତିକ ଭିତିଭୂମି ଉପରେ ଆଧାରିତ । ରବର୍ଟ ହଲ୍ ଏବଂ ମାଇକେଲ୍ ଉଡଫୋର୍ଡ ଏଭଳି ଅର୍ଥନୈତିକ ମଡେଲ୍ ବିକଶିତ କରିଛନ୍ତି, ଯାହାଦ୍ୱାରା ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଆର୍ଥିକ ସଙ୍କଟ ସମୟରେ ଉପଯୁକ୍ତ ନିଷ୍ପତି ନେଇପାରିବେ । ବିଶେଷକରି ସୁଧହାର ପରିବର୍ତନ, ସରକାରୀ ବ୍ୟୟ ଏବଂ ମୁଦ୍ରାନୀତି କିପରି ଅର୍ଥନୀତିକୁ ପ୍ରଭାବିତ କରେ, ସେନେଇ ସେମାନଙ୍କ ଗବେଷଣା ନୂଆ ଦିଗ ଦେଖାଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ସଠିକ୍ ସମୟରେ ଆର୍ଥିକ ନୀତି ପ୍ରଣୟନ କରାଗଲେ ମାନ୍ଦାବସ୍ଥାର ପ୍ରଭାବ ହ୍ରାସ କରାଯାଇପାରିବ । ଏହା ସହ ଅତ୍ୟଧିକ ମୁଦ୍ରାସ୍ଫୀତି ଓ ଅନିୟନ୍ତ୍ରିତ ଆର୍ଥିକ ଅଭିବୃଦ୍ଧିରୁ ସୃଷ୍ଟି ହେଉଥିବା ବିପଦକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ଏହି ଗବେଷଣା ବିଶ୍ୱର ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ ପାଇଁ ବେଶ୍ ଉପଯୋଗୀ ହୋଇଛି । ସୂଚନାଯୋଗ୍ୟ, ଅର୍ଥନୀତିରେ ନୋବେଲ ପୁରସ୍କାର ୧୯୬୮ ମସିହାରେ ସ୍ୱିଡେନର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା । ୧୯୬୯ ମସିହାରେ ପ୍ରଥମଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ବିଜେତାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଏ । ଭାରତ ସହ ମଧ୍ୟ ଏହି ପୁରସ୍କାରର ସ୍ୱତନ୍ତ୍ର ସମ୍ପର୍କ ରହିଛି । ୧୯୯୮ରେ ଅମର୍ତ୍ୟ ସେନ୍ ଏବଂ ୨୦୧୯ରେ ଭାରତୀୟ ବଂଶୋଦ୍ଭବ ଅଭିଜିତ ବାନାର୍ଜୀ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିଲେ । ଦାରିଦ୍ର୍ୟ ଦୂରୀକରଣ ଏବଂ ଜନକଲ୍ୟାଣମୂଳକ ଅର୍ଥନୀତି କ୍ଷେତ୍ରରେ ସେମାନଙ୍କ ଅବଦାନ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଥିଲା । ଏବେ ରବର୍ଟ ହଲ୍ ଏବଂ ମାଇକେଲ୍ ଉଡଫୋର୍ଡଙ୍କ ଗବେଷଣା ଆର୍ଥିକ ସଙ୍କଟ ମୁକାବିଲା ପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ଅଧିକ ବୈଜ୍ଞାନିକ ଆଧାର ଯୋଗାଇବ ବୋଲି ଆଶା କରାଯାଉଛି ।

ଜନ୍ତର ମନ୍ତରରେ ଧାରଣା ମନା

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ଦିଲ୍ଲୀର ଜନ୍ତରମନ୍ତରକୁ ପ୍ରତିବାଦ ଓ ଧାରଣା ପ୍ରଦର୍ଶନ ସ୍ଥଳ ତାଲିକାରୁ ବାଦ୍ ଦିଆଯିବା ମାମଲା ଏବେ ଦିଲ୍ଲୀ ହାଇକୋର୍ଟରେ ପହଂଚିଛି । ଏହି ମାମଲାରେ ମଙ୍ଗଳବାର ଶୁଣାଣି ହେବ । ଏଥିସହ ଗତ ୧୦ ଅକ୍ଟୋବରରେ ପ୍ରଦର୍ଶନ ସମୟରେ କିଛି ବାହାର ଲୋକ ପଶି ଆନ୍ଦୋଳନକାରୀଙ୍କୁ ହଇରାଣ କରିବା ଓ ଆକ୍ରମଣ କରିବା ଅଭିଯୋଗ ସମ୍ପର୍କିତ ଅନ୍ୟ ଏକ ଆବେଦନର ମଧ୍ୟ ଶୁଣାଣି ହେବ । ନ୍ୟାସନାଲ ଷ୍ଟୁଡେଂଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ଅଧ୍ୟକ୍ଷ ବିନୋଦ ଜାଖଡ଼ ଏହି ମାମଲାରେ ଆବେଦନ କରିଛନ୍ତି । ଅକ୍ଟୋବର ୧୦ ତାରିଖରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରୁଥିବା ସାଧାରଣ ଆନ୍ଦୋଳନକାରୀଙ୍କ ଉପରେ ଦିନଦ୍ୱିପ୍ରହରରେ ହୋଇଥିବା ଆକ୍ରମଣର ନିରପେକ୍ଷ, ସ୍ୱାଧୀନ ଓ ସମୟବଦ୍ଧ ତଦନ୍ତ ପାଇଁ ସେ ଦାବି କରିଛନ୍ତି । ସାଦା ପୋଷାକରେ ଥିବା କିଛି ଅସାମାଜିକ ବ୍ୟକ୍ତି ପ୍ରଦର୍ଶନକାରୀଙ୍କୁ ମାଡ଼ ମାରୁଥିବାର ଭିଡିଓ ଥିବା ମଧ୍ୟ ଆବେଦନରେ ଦାବି କରାଯାଇଛି । ସୋମବାର ଜନ୍ତରମନ୍ତର ସମ୍ପର୍କିତ ଆବେଦନର ତୁରନ୍ତ ଶୁଣାଣି ପାଇଁ ଦାବି କରାଯାଇଥିଲା । ତେବେ ଏହି ମାମଲାକୁ ସୁପ୍ରିମକୋର୍ଟ ମଧ୍ୟ ଦେଖୁଥିବା ଦର୍ଶାଇ ହାଇକୋର୍ଟ କହିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ହଲଫନାମା ଦାଖଲ କରିବାକୁ କହିଛନ୍ତି । ତେଣୁ ହାଇକୋର୍ଟ ଏହି ମାମଲାରେ କେତେଦୂର ହସ୍ତକ୍ଷେପ କରିପାରିବେ, ତାହା ବିଚାର କରିବାକୁ ପଡ଼ିବ । ଏହାପରେ ମଙ୍ଗଳବାର ଶୁଣାଣି ପାଇଁ ରାଜି ହୋଇଥିଲେ କୋର୍ଟ । ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାର ଅକ୍ଟୋବର ୧୧ ତାରିଖରେ ଜାରି କରିଥିବା ସ୍ଥାୟୀ ନିର୍ଦ୍ଦେଶ ଅନୁଯାୟୀ, ଜନ୍ତରମନ୍ତରକୁ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥଳ ତାଲିକାରୁ ହଟାଯାଇଛି । ଏହା ବଦଳରେ ରାମଲୀଳା ମୈଦାନ, ବୁରାଡ଼ି ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ପ୍ରଦର୍ଶନ ଏବଂ ଧାରଣା ପାଇଁ ନୂଆ ସ୍ଥାନ ଭାବେ ନିର୍ଦ୍ଧାରଣ କରାଯାଇଛି । ବିନୋଦ ଜାଖଡ଼ଙ୍କ ଆବେଦନରେ ଅକ୍ଟୋବର ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତର ସିସିଟିଭି ଫୁଟେଜ୍ ସୁରକ୍ଷିତ ରଖି ତଦନ୍ତକାରୀ ଦଳକୁ ଦେବାକୁ ଦାବି କରାଯାଇଛି । କନଟ୍ ପ୍ଲେସ୍, ଇନ୍ଦିରା ଚୌକ, ଖାଦି ଗ୍ରାମୋଦ୍ୟୋଗ ଭବନ ସମ୍ମୁଖ ରାସ୍ତା, ସଂସଦ ମାର୍ଗ, ଜନପଥ ଓ ଜନ୍ତରମନ୍ତର ରୋଡ୍ ସମେତ ଅନେକ ସ୍ଥାନର କ୍ୟାମେରା ଫୁଟେଜ୍ ଏଥିରେ ସାମିଲ କରିବାକୁ କୁହାଯାଇଛି । ଏହା ସହ ରାଜୀବ ଚୌକ, ଜନପଥ, ପଟେଲ ଚୌକ ଓ ବାରାଖମ୍ବା ରୋଡ୍ ମେଟ୍ରୋ ଷ୍ଟେସନର ସିସିଟିଭି ଫୁଟେଜ୍ ମଧ୍ୟ ସୁରକ୍ଷିତ ରଖିବାକୁ ଆବେଦନରେ ଦାବି ହୋଇଛି । ଏଭଳି ଘଟଣାର ତଦନ୍ତ ନହେଲେ ମତପ୍ରକାଶର ସ୍ୱାଧୀନତା ଏବଂ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେବାର ମୌଳିକ ଅଧିକାର ପ୍ରଭାବିତ ହେବ ବୋଲି ଆବେଦନରେ ଯୁକ୍ତି ଦର୍ଶାଯାଇଛି ।

ପୁରୀର କାୟାକଳ୍ପ ପାଇଁ ମାଷ୍ଟରପ୍ଲାନ୍

ଭୁବନେଶ୍ୱର, ୧୨/୧୦ (ଆ.ପ୍ର) : ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଂଟରପ୍ରିଟେସନ୍ ସେଂଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି । ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଭଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍ ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଆରମ୍ଭ
SEITHO ARAMEHA

ମଙ୍ଗଳବାର, ୧୩ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଡ଼ାଲି ଜାତୀୟ ଖାଦ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ବିଶେଷ ପ୍ରଚେଷ୍ଟା ଏବଂ ଫଳପ୍ରଦ ହୋଇଛି : ଶୁଭ୍ରାଂଶୁ ମୋହନ ପାଢୀ

ଭୁବନେଶ୍ୱର, ୧୨/୧୦ (ଆ.ପ୍ର) : ଭାରତ ଆଜି ଡାଲି ଜାତୀୟ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡ଼କୁ ଦ୍ରୁତ ଗତିରେ ଆଗେଇ ଚାଲିଥିବାବେଳେ ଏହି ପ୍ରକ୍ରିୟାରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ କୃଷି ଓ କୃଷକଙ୍କ ବିକାଶ ପାଇଁ ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ଏହି ସଫଳତା ହାସଲ ହୋଇପାରିଛି । ଏହି ଗୌରବମୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂହଦେଓ ଏବଂ ରାଜ୍ୟ ସରକାରଙ୍କୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଡାଲି ଉତ୍ପାଦନ

କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆତ୍ମନିର୍ଭର ମିଶନ' ଆଜି ଏକ ବର୍ଷ ପୂରଣ ହୋଇଛି । ଡାଲି ଆମଦାନୀ ଉପରେ ନିର୍ଭରତା କମାଇବା ସହ ଚାଷୀଙ୍କ ଆୟ ବଢାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ପାରମ୍ପରିକ ଧାନ ଚାଷ ବ୍ୟତୀତ ଡାଲି ଜାତୀୟ ଖାଦ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ବିଶେଷ ପ୍ରଚେଷ୍ଟା ଏବଂ ଯୋଜନାବଦ୍ଧ ସହାୟତା ଏବେ ଫଳପ୍ରଦ ହୋଇଛି । ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଣ, ଆଧୁନିକ କୃଷି ଜ୍ଞାନକୌଶଳର ପ୍ରସାର, ଏବଂ ଜଳସେଚନ ଓ ବଜାର ସଂଯୋଗୀକରଣରେ ସୁଧାର ଆଣିବା ଫଳରେ ରାଜ୍ୟରେ ଡାଲି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଓ ଉତ୍ପାଦନ ବହୁଗୁଣିତ ହୋଇଛି । ରାଜ୍ୟ ସରକାରଙ୍କ ଏହି କୃଷକ-ଅନୁକୂଳ ନୀତି କେବଳ ଓଡ଼ିଶାର ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇନାହିଁ, ବରଂ ଜାତୀୟ ସ୍ତରରେ ଭାରତକୁ ଡାଲି ଉତ୍ପାଦନରେ ଆଗକୁ ନେବାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି । ଆଗାମୀ ଦିନରେ ଏହି ନିରବଚ୍ଛିନ୍ନ ପ୍ରଚେଷ୍ଟା ବଳରେ ଓଡ଼ିଶା କୃଷି କ୍ଷେତ୍ରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିବ ଏବଂ କୃଷକମାନଙ୍କ ଆର୍ଥିକ ଉନ୍ନତି ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ପାଢୀ ଦୃଢ ଆଶା ବ୍ୟକ୍ତ କରିଛନ୍ତି ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୧୨/୧୦ (ଆ.ପ୍ର) : ଗଜପତି ଜିଲ୍ଲା ଆର୍.ଉଦୟଗିରି ପଂଚାୟତ ସମିତି

କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ଉକ୍ତ ଶିବିରରେ ମୋଟ ୨୭ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୧୧ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆର.ଉଦୟଗିରି ପଂଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମେନ୍ ଖସେଲ୍, ତହସିଲଦାର ଜ୍ୟୋତିର୍ମୟ ଦାଶଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ରାଜ୍ୟ ସରକାରଙ୍କ ସାଂସ୍କୃତିକ ଓ ପାରମ୍ପରିକ ଅନୁକୂଳ ନିଷ୍ପତି ପୂଜାପାର୍ବଣକୁ ଆହୁରି ଉତ୍ସାହିତ କରିବ: ବାବୁ ସିଂ

ଭୁବନେଶ୍ୱର, ୧୨/୧୦ (ଆ.ପ୍ର) : ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇସାରିଛି । ସାର୍ବଜନୀନ ଦୁର୍ଗା ପୂଜାଠାରୁ ଆରମ୍ଭ କରି ଗଜଲକ୍ଷ୍ମୀ ପୂଜା, କାଳି ପୂଜା ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ କମିଟି ମାଧ୍ୟମରେ ପୂଜାନୁଷ୍ଠାନଗୁଡିକରେ ପୂଜା ଆୟୋଜନ କରାଯିବ । ପାର୍ବଣ ଋତୁରେ ଭୁବନେଶ୍ୱରବାସୀ ଓ ପୂଜା କମିଟିଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱାଗତଯୋଗ୍ୟ ନିଷ୍ପତି ଗ୍ରହଣ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଅଧିନ ଅଂଚଳରେ ଆସନ୍ତା ଅକ୍ଟୋବର ୧୭ ରୁ ନଭେମ୍ବର ୧୮ ପର୍ଯ୍ୟନ୍ତ ସର୍ବସାଧାରଣରେ ପୂଜାସୋବ ଆୟୋଜନ

କରୁଥିବା ପୂଜା କମିଟିଗୁଡ଼ିକ ପାଇଁ "ଗ୍ରାଉଣ୍ଡ ଭଡ଼ା" ସମ୍ପୂର୍ଣ୍ଣ ଛାଡ଼ କରାଯିବା ନେଇ ଘୋଷଣା କରାଯାଇଛି । ପୂର୍ବରୁ ବିଭିନ୍ନ ପୂଜା ମଣ୍ଡପ ଓ କମିଟିଗୁଡ଼ିକୁ ୧୦,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ "ଗ୍ରାଉଣ୍ଡ ଭଡ଼ା" ଦେବାକୁ ପଡୁଥିଲା । ଏହି ଭଡ଼ା ସମ୍ପୂର୍ଣ୍ଣ ଛାଡ଼ ହେବା ଫଳରେ ପୂଜା କମିଟିଗୁଡ଼ିକ ଉପରୁ ବିପୁଳ ଆର୍ଥିକ ବୋଝ ହ୍ରାସ ପାଇଛି, ଯାହାଫଳରେ ସେମାନେ ଆହୁରି ଉତ୍ସାହର ସହ ପାର୍ବଣ ଆୟୋଜନ କରିପାରିବେ । ରାଜ୍ୟ ସରକାରଙ୍କ ଏହି ସାଂସ୍କୃତିକ ଓ ପାରମ୍ପରିକ ଅନୁକୂଳ ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଏଥି ସହ ସମସ୍ତ ପୂଜା ଆୟୋଜକମାନେ ଉତ୍ସବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ, ସ୍ୱଚ୍ଛ ଏବଂ ପରିବେଶ ଅନୁକୂଳ ଭାବେ ପାଳନ କରିବା ପାଇଁ ସଙ୍କଳ୍ପବଦ୍ଧ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ବଦାନ୍ୟତା ସମଗ୍ର ରାଜଧାନୀରେ ପାର୍ବଣର ଆନନ୍ଦକୁ ଦ୍ୱିଗୁଣିତ କରିବ ବୋଲି ଶ୍ରୀ ସିଂ କହିଛନ୍ତି ।

କୁକୁଡ଼ାଖଣ୍ଡିରେ ପଂଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

କୁକୁଡାଖଣ୍ଡି, ୧୨/୧୦ (ଆ.ପ୍ର) : ସୋମବାର ଦିନ କୁକୁଡାଖଣ୍ଡି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁକୁଡାଖଣ୍ଡି ସରପଂଚ ବନ୍ଦନା ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାର ସନ୍ତୋଷ କୁମାର ମହାପାତ୍ର, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାର ମନୋଜ ପ୍ରଧାନ, ସିଡ଼ିପିଓ କୁସୁମ କୁମାରୀ ସାହୁ, କନିଷ୍ଠ ଯନ୍ତ୍ରୀ ଇନ୍ଦିରା ମହାକୁଡ଼, ଏଡିଓ ପ୍ରଫୁଲ୍ଲ କୁମାର ସାହୁ, ଜିପିଓ ଅଶୋକ କୁମାର

ପଟ୍ଟନାୟକ, ଆରଡବ୍ଲୁଏସ୍ଏସ୍ ଜେଇ ମନସ୍ୱିନି ମହାପାତ୍ର, ପିଡବ୍ଲୁଡି-୧ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସେଠୀ, ଭେଟନେରୀ ଡାକ୍ତର ପୀତବାସ ସାହୁ, ବିଦ୍ୟୁତ୍ ବିଭାଗୀୟ ଲାଇନ୍ ମେନ୍ ଲକ୍ଷ୍ମୀକାନ୍ତ ମଣ୍ଡଳଙ୍କ ସମେତ ଅନ୍ୟ ଲାଇନ୍ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପଂଚାୟତ ବାସୀଙ୍କ ଅଭିଯୋଗ ଶୁଣାଣୀ କରିଥିଲେ । ଏଥିରେ ମୋଟ ୨୪ ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ମୁଖ୍ୟତଃ କୁକୁଡାଖଣ୍ଡି ଗ୍ରାମର ପାତ୍ର ସାହି, ଗୌଡ଼ ସାହି ସଂଯୋଗ ଯାତାୟାତ ରାସ୍ତା, ଘର ପଟ୍ଟା ସହ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ ପଂଚାୟତ ବାସୀ । ସମସ୍ତ ଅଭିଯୋଗ ଖୁବ୍ ଶୀଘ୍ର ଯାଂଚ କରାଯାଇ ସମାଧାନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ କହିଛନ୍ତି । ସମଗ୍ର ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ପିଇଓ ମହେନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ ।

ସାମନ୍ତିଆପଲ୍ଲୀରେ ୭୦ତମ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ପାତ୍ରପୁର, ୧୨/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାର ୭୦ତମ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ ସ୍ଥିତ ମହନ୍ତଶ୍ରୀ ପରାଙ୍କୁଶ ବିଦ୍ୟାପୀଠ ପରିସରରେ ଆରମ୍ଭ ହୋଇଯାଇଛି । ୧୪ ଓ ୧୭ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ୨୨ଟି ବ୍ଲକରୁ ପ୍ରାୟ ୭୦୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ନିଜ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରୁଛନ୍ତି । ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ । ମଣ୍ଡଳ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ, ପାତ୍ରପୁର ପକ୍ଷରୁ ଏହାର ଆୟୋଜନ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବ୍ରହ୍ମପୁର ଏହାର ପ୍ରଯୋଜକ ରହିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ । ସେହିପରି ବିଶିଷ୍ଟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତି ଭାସନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା, ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର, ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ ପଟ୍ଟନାୟକ, ମେଡିକାଲ ଅଧିକାରୀ ସମ୍ବିଦ ବେଗରାଜ,ସରପଂଚ ଏନ୍ ତିରୁପତି, ଜନାର୍ଦ୍ଦନ ସାହୁ ମଂଚାସିନ ଥିଲେ । ୨୨ଟି ବ୍ଲକର ଖେଳାଳୀ ମାନେ ଅତିଥିମାନଙ୍କ ସମ୍ମୁଖରେ ନିଜ ନିଜ ବ୍ଲକର ପ୍ଲା କାର୍ଡ ଧରି ରାଲି କରିଥିବା ବେଳେ ଚିନ୍ମୟ ପଲାଇ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା, ଦଳଗତ ସହଯୋଗ ଓ ପ୍ରତିଯୋଗିତାମୂଳକ ଦକ୍ଷତାର ବିକାଶ ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ତିନିଦିନିଆ ଏହି କ୍ରୀଡ଼ା ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଖେଳାଳିଙ୍କ ମଧ୍ୟରେ ରୋମାଂଚକର କବାଡ଼ି ମ୍ୟାଚ୍ ଦେଖିବାକୁ ମିଳିବ । ଅନ୍ୟ ପକ୍ଷରେ ଜିଲ୍ଲାର ସମସ୍ତ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଖେଳ ପରିଚାଳନା କରାଯାଇଥିଲା । ବିଇଓ ସୀତାରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କ୍ରିଡ଼ା ଶିକ୍ଷକ ଅରୁଣ କୁମାର ମହାନ୍ତି, ବହୁ କ୍ରୀଡ଼ା ଶିକ୍ଷକ, ସମସ୍ତ ସିଆରସିସି, ଶିକ୍ଷକ ନେତା ଗୁଡୁ ପ୍ରଧାନଙ୍କ ସମେତ ସରକାରୀ କର୍ମଚାରୀ ମାନେ ସହଯୋଗ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି - ୨୦୨୬' ଉଦଯାପିତ

ଜଗତସିଂହପୁର, ୧୨/୧୦ (ଆ.ପ୍ର) : ଅଳି ନାଉଗାଁ ବ୍ଲକ ଅନ୍ତର୍ଗତ ଗୋପାଳଜୀଉ ଆଂଚଳିକ ସାଧନ କେନ୍ଦ୍ର ଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୬' ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସଂଯୋଜକ ସୁକାନ୍ତ ଝାଙ୍କରଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ସୁଧୀର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ କୃଷ୍ଣଧ୍ୱଜ କାଣ୍ଡି, ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ସୀତାନାଥ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବରେ ଉମାକାନ୍ତ ଦାସ ଯୋଗ ଦେଇ ସୁରଭି - ୨୦୨୬ ରେ ଭାଗ ନେଉଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ କ୍ଲଷ୍ଟର ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗୀତାରେ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଉତ୍ସବ ସଫଳ ରୂପାୟନ ପାଇଁ ଶିକ୍ଷକ ତପନ ପ୍ରଧାନ, ଜ୍ୟୋତିରଞ୍ଜନ ପରିଡା, ପ୍ରତାପ ନାୟକ, ଅକ୍ଷୟ କୁମାର ଦାସ, ଲକ୍ଷ୍ମୀଧର ବେହେରା, ଶିକ୍ଷୟିତ୍ରୀ ରେଶ୍ମାରାଣୀ ପ୍ରଧାନ, ମିନର୍ଭା ସେଠୀ , ଶୁଭଶ୍ରୀ ଆଚାର୍ଯ୍ୟ, ରଶ୍ମୀପ୍ରଭା ରାଉତ ପ୍ରମୁଖ ବିଚାରକ ଭାବରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ମୂଲ୍ୟାୟନ କରିଥିଲେ । ଏହି ଅବସରରେ ଗୋପାଳଜୀଉ ବିଦ୍ୟାଳୟରେ ନୂତନ ଭାବରେ ଯୋଗ ଦେଇଥିବା ଶିକ୍ଷକ ନରେଶ ଚନ୍ଦ୍ର ସାହୁଙ୍କୁ କ୍ଲଷ୍ଟର ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଦେବପ୍ରସାଦ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ଦାସ ସହାୟତା କରିଥିଲେ । ଉଦଯାପନୀ ଉତ୍ସବରେ ନାଉଗାଁ ବ୍ଲକର ମୁଖ୍ୟାଳୟ ସିଆରସିସି ଅକ୍ଷୟ କୁମାର ରାଉତ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକରେ ପୁରସ୍କୃତ କରାଯାଇଥିଲା ଓ କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହୋଇଥିବାରୁ ଗୋପାଳଜୀଉ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୌମ୍ୟମୟୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କୃତଜ୍ଞତା ଜ୍ଞାପନ କରିଥିଲେ ।

ଜୟପ୍ରକାଶ ଶିକ୍ଷା ନିକେତନରେ ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୁହ କ୍ରୀଡ଼ା ପ୍ରତିଯୋଗିତା

ଜଗତସିଂହପୁର, ୧୨/୧୦ (ଆ.ପ୍ର) : ରଘୁନାଥପୁର ବ୍ଲକ ଜୋନ୍ ୩ ବିଦ୍ୟାଳୟ ସମୁହ ଖୋ-ଖୋ ଓ କବାଡି ପ୍ରତିଯୋଗିତା ତଅଁରା ପଂଚାୟତ ସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନ, ରାମଚନ୍ଦ୍ରପୁର ରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନଶିକ୍ଷକ ରଂଜନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତଅଁରା ଗ୍ରାମପଂଚାୟତର ସରପଂଚ ବଟକୃଷ୍ଣ ନାୟକ, ମୁଖ୍ୟ ବକ୍ତା ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ସମ୍ମାନନୀୟ ଅତିଥି ଭାବେ ହେମଲତା କ୍ଲଷ୍ଟରର ସିଆରସିସି ନିରଞ୍ଜନ ସାହୁ, ମଣ୍ଡଳ ବିଦ୍ୟାଳୟ ସମୁହ କ୍ରୀଡା ସଂଗଠନ ସଂପାଦକ ଅବଦୁଲ ହମିଦ, ବରିଷ୍ଠ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଓ ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ନାୟକ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ାର

ଉପାଦେୟତା ସମ୍ପର୍କରେ କ?ହିଥିଲେ ଓ ଖେଳାଳୀମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କିପରି ସମ୍ମାନିତ କରାଯାଉଛି ତା'ର ଉଦାହରଣ ଦେଇଥିଲେ । କ୍ରିଡା ଶିକ୍ଷକ ବିଷ୍ଣୁ ଚନ୍ଦ୍ର କର ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପିଏମଶ୍ରୀ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ରେଡୁଆ ଜୋନ୍‌ର ୧୫ ଟି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୦୫ ଜଣ ପ୍ରତିଯୋଗି ୧୪ ବର୍ଷ ଓ ୧୭ ବର୍ଷ ବାଳକ ଓ ବାଳିକା ବର୍ଗରେ ଭାଗ ନେଇଥିଲେ । ଏଥିରୁ ଜୟପ୍ରକାଶ ଶିକ୍ଷାନିକେତନ, ଚର୍ଚ୍ଚିକାଇ ଉଚ୍ଚ ପ୍ରାଥମିକ, ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ଗୁଆଳିପୁର, ହେମଲତା ଉଚ୍ଚ ପ୍ରାଥମିକ, ଚିକିଣିଆ, ପିଏମଶ୍ରୀ ସରକାରୀଉଚ୍ଚ ବିଦ୍ୟାଳୟ, ରେଡୁଆର ୬୪ ଜଣ ପ୍ରତିଯୋଗି ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୁହ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଉନ୍ନିତ ହୋଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ କ୍ରୀଡ଼ା ଶିକ୍ଷକ ପରେଶ୍ କୁମାର ମହାପାତ୍ର, ନିର୍ମଳ କୁମାର ସାହୁ, ଭେନୁଗୋପାଳ ମିଶ୍ର । କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ଧରଣୀଧର ଜେନା, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ସୁଧୀର କୁମାର ନାୟକ ଓ ଶାରଦା ପ୍ରସାଦ ନାୟକ ଓ ନିରୋଦ କୁମାର ଜେନା । ଶେଷରେ ସୁଧୀର କୁମାର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

୪୬ ବର୍ଷର ନିରବତା ପରେ କ୍ୟାମ୍ପସରେ ଗଣତନ୍ତ୍ରର ଗର୍ଜନ : ଡୋର୍-ଟୁ-ଡୋର୍ ପ୍ରଚାରରେ ପ୍ରାର୍ଥୀ, ଭୋଟ ହାତେଇବାକୁ ଚାଲିଛି ମାରାଥନ୍ ଉଦ୍ୟମ

ବାଲିଗୁଡ଼ା, ୧୨/୧୦ (ଆ.ପ୍ର) : ଦୀର୍ଘ ୪୬ ବର୍ଷର ଅପେକ୍ଷାର ଅନ୍ତ ପରେ ଏବେ ଗଣତନ୍ତ୍ରର ଉଷ୍ମତାରେ ସରଗରମ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ କ୍ୟାମ୍ପସ । ଶ୍ରେଣୀଗୃହର ପାଠପଢ଼ା ସହ କ୍ୟାମ୍ପସରେ ଜମିଛି ନିର୍ବାଚନୀ ଚର୍ଚ୍ଚା । କିଏ ହେବ ଛାତ୍ରଛାତ୍ରୀଙ୍କ ସ୍ୱର, କାହା ହାତରେ ରହିବ ଛାତ୍ର ପ୍ରତିନିଧିତ୍ୱର ଦାୟିତ୍ୱ-ତାକୁ ନେଇ ଆରମ୍ଭ ହୋଇଛି ଅଙ୍କକଷା । ନିଜ ସପକ୍ଷରେ ଭୋଟ ହାତେଇବାକୁ ପ୍ରାର୍ଥୀମାନେ ଆଉ ପଛରେ ନାହାନ୍ତି । କଲେଜ ପରିସରରୁ ଛାତ୍ରଛାତ୍ରୀଙ୍କ ଘର ପର୍ଯ୍ୟନ୍ତ ପହଂଚୁଛି ପ୍ରଚାରର ବାତି । ଦୀର୍ଘ ୪୬ ବର୍ଷ ପରେ ମହାବିଦ୍ୟାଳୟରେ ପ୍ରଥମ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି । ନିର୍ବାଚନ କେବଳ ପଦପଦବି ହାସଲର ଲଢ଼େଇ ହୋଇ ରହିନାହିଁ; ବରଂ ଛାତ୍ରଛାତ୍ରୀଙ୍କ ସମସ୍ୟା, ଦାବି ଓ ଅଧିକାରକୁ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚାଇବା ପାଇଁ ନେତୃତ୍ୱ ବାଛିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଭାବେ ଦେଖାଯାଉଛି । ଭୋଟ ପାଇଁ ଦ୍ୱାରେ ଦ୍ୱାରେ ପ୍ରାର୍ଥୀ, କ୍ୟାମ୍ପସରେ ପ୍ରଚାର ଜୋରଦାର ନିର୍ବାଚନର ଦିନ

ପାଖେଇ ଆସୁଥିବାରୁ ପ୍ରାର୍ଥୀମାନଙ୍କ ପ୍ରଚାର ଅଭିଯାନ ଜୋର୍ ଧରିଛି । ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ପ୍ରାର୍ଥୀମାନେ ଡୋର୍-ଟୁ-ଡୋର୍ କ୍ୟାମ୍ପେନିଂ କରିବା ସହ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା କରୁଛନ୍ତି । କେହି ନିଜର ଯୋଗ୍ୟତା ଓ ନେତୃତ୍ୱ ଦକ୍ଷତାକୁ ଆଧାର କରି ସମର୍ଥନ ମାଗୁଥିବା ବେଳେ ଅନ୍ୟ ମାନେ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବାର ପ୍ରତିଶ୍ରୁତି ଦେଉଛନ୍ତି । ପ୍ରଚାରରେ ବ୍ୟକ୍ତିଗତ ସମ୍ପର୍କ, ବନ୍ଧୁତା ଓ ସହପାଠୀଙ୍କ ସମର୍ଥନ ଗୁରୁତ୍ୱ ବହନ କରୁଥିବାରୁ ପ୍ରତ୍ୟେକ ଭୋଟକୁ ନିଜ ସପକ୍ଷରେ ଆଣିବାକୁ ପ୍ରାର୍ଥୀମାନେ ଉଦ୍ୟମ ଚଳାଇଛନ୍ତି । କ୍ୟାମ୍ପସରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମତାମତ ଓ ସମର୍ଥନକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଜାରି ରହିଛି । ୮ଟି ପଦବି ପାଇଁ ୩୧ ପ୍ରାର୍ଥୀ, ସଭାପତି ପଦରେ କଡ଼ା ମୁକାବିଲା ହେବ । ପ୍ରକାଶିତ ପ୍ରାର୍ଥୀ ତାଲିକା ଅନୁଯାୟୀ, ମହାବିଦ୍ୟାଳୟର ବିଭିନ୍ନ ପଦବି ପାଇଁ ମୋଟ ୩୧ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ଅଛନ୍ତି । ସେଥିମଧ୍ୟରୁ ସଭାପତି ପଦ ପାଇଁ ସର୍ବାଧିକ ୭ ଜଣ ପ୍ରାର୍ଥୀ ରହିଥିବା ବେଳେ ଉପସଭାପତି ପଦ ପାଇଁ ୪ ଜଣ, ସାଧାରଣ ସମ୍ପାଦକ ପଦ ପାଇଁ ୪ ଜଣ, ସହସମ୍ପାଦକ ପଦ ପାଇଁ ୩ ଜଣ ପ୍ରାର୍ଥୀ ଅଛନ୍ତି । ସେହିପରି ଡିଏସଏ ସମ୍ପାଦକ ପଦ ପାଇଁ ୩ ଜଣ, ଡିଏସଏ ସହସମ୍ପାଦକ ପଦ ପାଇଁ ୩ ଜଣ, କ୍ରୀଡ଼ା ସମ୍ପାଦକ ପଦ ପାଇଁ ୪ ଜଣ ଏବଂ କ୍ରୀଡ଼ା ସହ ସମ୍ପାଦକ ପଦ ପାଇଁ ୩ ଜଣ ପ୍ରାର୍ଥୀ ରହିଛନ୍ତି । ବିଭିନ୍ନ ପଦବି ପାଇଁ ପ୍ରାର୍ଥୀଙ୍କ ସଂଖ୍ୟା ଓ ପ୍ରଚାରର ତୀବ୍ରତାକୁ ଦେଖି କ୍ୟାମ୍ପସରେ ନିର୍ବାଚନୀ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ୧୪ରେ ପ୍ରାର୍ଥୀଙ୍କ ମତ ଉପସ୍ଥାପନ, ୧୫ରେ ମତଦାନ ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୧୪ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ମଂଚରେ ପ୍ରାର୍ଥୀମାନେ ନିଜର ନିର୍ବାଚନ ଲଢ଼ିବାର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ପ୍ରତି ନିଜର ଦାୟିତ୍ୱ ସମ୍ପର୍କରେ ମତ ରଖିବାର ସୁଯୋଗ ପାଇବେ । ଏହା ପରେ ୧୫ ତାରିଖ ରେ ମତଦାନ ହେବାକୁ ଥିବା ବେଳେ ୧୬ ତାରିଖରେ ବିଜୟୀ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି । ଏବେ ପ୍ରାର୍ଥୀଙ୍କ ପାଇଁ ଆଗାମୀ କିଛି ଦିନ ନିର୍ଣ୍ଣାୟକ ହେବ । ପ୍ରଚାରରେ କିଏ ଅଧିକ ଛାତ୍ରଛାତ୍ରୀଙ୍କ ସମର୍ଥନ ହାସଲ କରିପାରୁଛି ଏବଂ ମତଦାନ ଦିନ କାହା ସପକ୍ଷରେ ଅଧିକ ଭୋଟ ପଡୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି । ଶୃଙ୍ଖଳିତ ନିର୍ବାଚନ ଉପରେ କର୍ତ୍ତୃପକ୍ଷଙ୍କ ନଜର ନିର୍ବାଚନ ପ୍ରକ୍ରିୟାକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ପ୍ରସ୍ତୁତି ଚଳାଇଛନ୍ତି । ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ପୁଲିସ ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେଇଛି । ଛାତ୍ର ସଂସଦ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଲିଙ୍ଗଡୋ କମିଶନଙ୍କ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ସମ୍ପୃକ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ଅଧିକାରୀ ଭାବେ ଅଧ୍ୟାପକ ତେଜେଶ୍ୱର ନାୟକ ଦାୟିତ୍ୱ ତୁଲାଉଥିବା ବେଳେ ସହ ନିର୍ବାଚନ ଅଧିକାରୀ ଭାବେ ଅଧ୍ୟାପକ ସରୋଜ ପାଠୀ ଓ ଅଧ୍ୟାପକ ହିମାଂଶୁ ଶେଖର ସାହୁ ଦାୟିତ୍ୱରେ ଅଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି । ଦୀର୍ଘ ୪୬ ବର୍ଷ ପରେ ଆୟୋଜିତ ହେଉଥିବା ଏହି ନିର୍ବାଚନ ଆଦିବାସୀ ମହାବିଦ୍ୟାଳୟର ଛାତ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ଏବେ ଅପେକ୍ଷା ୧୫ ତାରିଖର ମତଦାନକୁ - ଯେଉଁଠି ପ୍ରାର୍ଥୀଙ୍କ ପ୍ରଚାର ନୁହେଁ, ଛାତ୍ରଛାତ୍ରୀଙ୍କ ଭୋଟ ହିଁ ନିର୍ଣ୍ଣୟ କରିବ ନେତୃତ୍ୱର ଭବିଷ୍ୟତ ।

ବେଲକଣା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ

କଲ୍ୟାଣସିଂହପୁର, ୧୨/୧୦ (ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଂଚାୟତର ବେଲକଣାରେ ଥିବା ସରକାରୀ ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଛି । ଆଂଚଳିକ ସାଧନ ସଂଯୋଜକ ବା ସିଆରସିସି ଉମାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ ଆୟୋଜିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ ଅନିଲ କୁମାରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠି ଶିକ୍ଷାଧିକାରିଣୀ ପ୍ରତିଶ୍ରୁତି ସିଂ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଥିବା ବେଳେ ସମ୍ମାନିତ ଅତିଥି ଭାବେ ସିକରପାଇ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ବଡ଼ା, ବିରିଡ଼ା ବିଦ୍ୟାଳୟର

ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ସିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତାପସ ଦଳାଇ, ଏସଏମସି ଅଧ୍ୟକ୍ଷ ସଦାନନ୍ଦ ମିଣିଆକା ମଂଚାସିନ ରହିଥିଲେ । ଆଂଚଳିକ ସାଧନା କେନ୍ଦ୍ର ବେଲକଣାର ୧୩ଟି ବିଦ୍ୟାଳୟ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀମାନେ ମୋଟ ୧୫୦ରୁ ଉର୍ଦ୍ଧ୍ୱ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀମାନଙ୍କୁ ନେଇ ୧୩ଟି ପ୍ରତିଯୋଗିତା ଗୁଡିକ ହେଲା କୁଇଜ, ବିତର୍କ, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ଓଡ଼ିଆ ହସ୍ତାକ୍ଷର, ଶ୍ରୁତିଲିଖନ, ଦଳଗତ ନୃତ୍ୟ, ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ଚିତ୍ରାଙ୍କନ, ସଂଗୀତ ସଂସ୍କୃତିକ କାର୍ଯ୍ୟକ୍ରମ, ପିଏମ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ, ଆୟୋଜନ ହୋଇଛି । ଏଥିରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ବିଭାଗର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୩ଜଣ ପ୍ରତିଯୋଗୀମାନେ ବ୍ଲକ ସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ଜଣାପଡିଛି । ଉକ୍ତ କାର୍ଯ୍ୟକ୍ରମରେ ମନୋରଞ୍ଜନ ମିଶ୍ର ମଂଚ ପରିଚାଳନା କରିଥିବା ବେଳେ ପ୍ରସାଦ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲୋଷ୍ଟର ୧୩ଟି ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ ।

ସେଇଥିରୁ ଆରମ୍ଭ
SEITHO ARAMBHA

ବାଲେଶ୍ୱରରୁ ପଂଚମ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ବାଲେଶ୍ୱର, ୧୨/୧୦ (ଆ.ପ୍ର) : ବରିଷ୍ଠ ନାଗରିକଙ୍କୁ ଦେଶର ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ ସ୍ଥଳ ପରିଦର୍ଶନର ସୁଯୋଗ ପ୍ରଦାନ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭' ଅନ୍ତର୍ଗତ ପଂଚମ ତୀର୍ଥଯାତ୍ରା ସୋମବାର ମଧ୍ୟାହ୍ନରେ ବାଲେଶ୍ୱର ରେଳଷ୍ଟେସନରୁ ଆରମ୍ଭ ହୋଇଛି । ରାଜ୍ୟର ଗୃହ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ତୀର୍ଥଯାତ୍ରାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରୁ ମୋଟ ୮୦୦ ଜଣ ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୭୭୫ ଜଣ ବରିଷ୍ଠ ନାଗରିକ ଓ ୨୫ ଜଣ ସହାୟକ ରହିଛନ୍ତି । ଯାତ୍ରୀମାନଙ୍କ ବୟସ ୬୦ରୁ ୭୫ ବର୍ଷ ମଧ୍ୟରେ । ସେମାନେ ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ତୀର୍ଥକ୍ଷେତ୍ର ଅଯୋଧ୍ୟା ଓ ବାରାଣସୀ ପରିଦର୍ଶନ କରିବେ । ଯାତ୍ରା ଶେଷ କରି ଆସନ୍ତା ୧୭ ଅକ୍ଟୋବରରେ ବାଲେଶ୍ୱର ଫେରିବେ । ଏହି ଅବସରରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରା ଏବଂ ଆଇଆରସିଟିସିର ପର୍ଯ୍ୟଟନ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘମିତ୍ରା ରାଉତଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଯାତ୍ରୀମାନଙ୍କ ରହଣି ପାଇଁ ଅକ୍ଟୋବର ୧୧ ତାରିଖରେ ବାଲେଶ୍ୱରର ପଦ୍ମାବତୀ ପାର୍କଠାରେ ବ୍ୟବସ୍ଥା କରାଯାଇଥିଲା । ସୋମବାର ଯାତ୍ରା ଆରମ୍ଭ ପୂର୍ବରୁ ରେଳଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଆୟୋଜିତ ସଭାରେ ଯାତ୍ରୀମାନଙ୍କୁ ରେଳ ଟିକେଟ୍ ଓ ଯାତ୍ରା କିଟ୍ ପ୍ରଦାନ କରାଯାଇଥିଲା । ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରିବା ସହ ଉପଲବ୍ଧ ସୁବିଧାର ସଦୁପଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କ ପାଇଁ ରେଳ ଟିକେଟ୍, ଖାଦ୍ୟପେୟ, ରହଣି ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଭାରତୀୟ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେସନ୍ (ଆଇଆରସିଟିସି) ପକ୍ଷରୁ ଯୋଗାଇ ଦିଆଯାଉଛି । ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଯୋଜନା ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଓ ସୁବିଧାଜନକ ଭାବେ ତୀର୍ଥଦର୍ଶନର ସୁଯୋଗ ଦେବା ସହ ସେମାନଙ୍କ ଜୀବନରେ ଆଧ୍ୟାତ୍ମିକ ଆନନ୍ଦ ଓ ସନ୍ତୋଷ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଦ.ପୂ. ରେଳବାଇ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର ଇ-ଟେଣ୍ଡର/୨୦୨୬/୩୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫:୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ୧୫:୩୦ ଘଂଟାରେ ଖୋଲାଯିବ । କ୍ରମ.ନମ୍ବର ୧. ଟେଣ୍ଡର ନମ୍ବର ଇ-କେଜିପି-ପୂର୍ବ- ୬୩-୨୦୨୬, କାର୍ଯ୍ୟର ବର୍ଣ୍ଣନା: ... ଟେଣ୍ଡର ମୂଲ୍ୟ (ଟ.): ୨୯୩୮୮୫୪୦.୦୫; ଅଗ୍ରୀମ ଟଙ୍କା (ଟ.): ୨୮୭୮୦୦.୦୦; କ୍ରମ. ନମ୍ବର ୨.ଟେଣ୍ଡର ନମ୍ବର ଇ-କେଜିପି-ଦକ୍ଷିଣ-୩୬-୨୦୨୬, କାର୍ଯ୍ୟର ବର୍ଣ୍ଣନା: TSR(P), CTR(S), TRP(P), TBR, TFR ର କାର୍ଯ୍ୟକାରୀ ଏବଂ Sr.DEN/ଦକ୍ଷିଣ/KGP ଅନ୍ତର୍ଗତ TWSET ଏବଂ ... ଟେଣ୍ଡର ମୂଲ୍ୟ (ଟ.): ୧୦୩୯୦୩୪୫୩.୩୫; ଆର୍ନେଷ୍ଟ ମନି (ଟ.): ୨୦୨୮୧୦୦.୦୦; କ୍ରମ. ନମ୍ବର ୩.ଟେଣ୍ଡର ନମ୍ବର ଇ-କେଜିପି-ଦକ୍ଷିଣ-୪୦-୨୦୨୬, କାର୍ଯ୍ୟର ବର୍ଣ୍ଣନା: Sr.DEN/ଦକ୍ଷିଣ/KGP ର ... MSDAC ... DC ... ଟେଣ୍ଡର ମୂଲ୍ୟ (ଟ.): ୩୧୦୨୩୫୩୪.୮୪; ଆର୍ନେଷ୍ଟ ମନି (ଟ.): ୬୨୦୫୦୦.୦୦; କ୍ରମ. ନମ୍ବର ୪. ଟେଣ୍ଡର ନମ୍ବର ଇ-କେଜିପି-ଦକ୍ଷିଣ-୪୨-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/BLS/KGP ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୯୭୯୩୪୩୮.୫୨; ଆର୍ନେଷ୍ଟ ମନି (ଟ.): ୧୯୫୯୦୦.୦୦; କ୍ରମ. ନମ୍ବର ୫. ଟେଣ୍ଡର ନମ୍ବର ଇ-କେଜିପି-ଦକ୍ଷିଣ-୪୩-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/ଦକ୍ଷିଣ/KGP ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୯୮୧୫୪୧୯.୦୮; ଆର୍ନେଷ୍ଟ ମନି (ଟ.): ୧୯୬୩୦୦.୦୦; କ୍ରମ.ନମ୍ବର ୬. ଟେଣ୍ଡର ନଂ. ଇ-କେଜିପି-ପଶ୍ଚିମ-୪୪-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/ପଶ୍ଚିମ/KGP ର ଅଧିକାରକ୍ଷେତ୍ର ଅନ୍ତର୍ଗତ SSE/P.Way/MYD, SSE/P.Way/KAF ଏବଂ SSE/P.Way/KGP ବିଭାଗରେ ୦୧.୧୦.୨୦୨୬ ରୁ ୩୦.୯.୨୦୨୮ ପର୍ଯ୍ୟନ୍ତ ବିବିଧ P.Way (ଜୋନାଲ)/ଟ୍ରାକ କାର୍ଯ୍ୟ ୨ ବର୍ଷ ପାଇଁ । ଟେଣ୍ଡର ମୂଲ୍ୟ (ଟ.): ୮୩୬୨୨୮୦୪.୪୬; ଅଗ୍ରୀମ ରାଶି(ଟ.): ୧୬୨୩୫୦୦.୦୦; କ୍ରମ. ନଂ. ୭. ଟେଣ୍ଡର ନଂ. ଇ-କେଜିପି-ପଶ୍ଚିମ-୪୫-୨୦୨୬, କାର୍ଯ୍ୟର ବର୍ଣ୍ଣନା: ୦୧.୧୦.୨୦୨୬ ରୁ ୩୦.୯.୨୦୨୮ ପର୍ଯ୍ୟନ୍ତ ADEN/JGM ର ଅଧିକାରକ୍ଷେତ୍ର ଅନ୍ତର୍ଗତ SSE/P.Way/JGM, SSE/P.Way/GII ଏବଂ SSE/P.Way/GUD ବିଭାଗରେ ୨ ବର୍ଷ ପାଇଁ ବିବିଧ P.Way (ଜୋନାଲ)/ଟ୍ରାକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ (ଟ.): ୪୬୮୦୫୬୭୨.୭୨; ଆର୍ନେଷ୍ଟ ମନି(ଟ.): ୯୩୬୧୦୦.୦୦; କ୍ରମ. ନଂ. ୮. ଟେଣ୍ଡର ନଂ. ଇ-କେଜିପି-ପଶ୍ଚିମ-୪୨-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/ପଶ୍ଚିମ/KGP ର ଅଧିକାରକ୍ଷେତ୍ର ଅନ୍ତର୍ଗତ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ୨ ବର୍ଷ ପାଇଁ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୧୨୪୨୫୮୨୦.୬୪; ଆର୍ନେଷ୍ଟ ମନି(ଟ.): ୨୪୮୫୦୦.୦୦; କ୍ରମ.ନମ୍ବର ୯. ଟେଣ୍ଡର ନମ୍ବର ଇ-କେଜିପି-ପଶ୍ଚିମ-୪୩-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/JGM ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୧୦୧୩୩୫୫୫.୭୨; ଆର୍ନେଷ୍ଟ ମନି (ଟ.): ୨୦୨୭୦୦.୦୦; କ୍ରମ. ନମ୍ବର ୧୦. ଟେଣ୍ଡର ନମ୍ବର ଇ-କେଜିପି-HQ-୫୨-୨୦୨୬, କାର୍ଯ୍ୟର ବର୍ଣ୍ଣନା: ADEN/Tamluk ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୯୭୦୯୯୮୩.୭୨; ଆର୍ନେଷ୍ଟ ମନି (ଟ.): ୧୯୪୨୦୦.୦୦; କ୍ରମ. ନଂ. ୧୧.ଟେଣ୍ଡର ନଂ. ଇ-କେଜିପି-HQ-୫୩-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ ପେଟି ମରାମତି କାର୍ଯ୍ୟ ଏବଂ SSE(W)/ଦକ୍ଷିଣ-କଏଚ ର ଅଧିକାର କ୍ଷେତ୍ର ଅନ୍ତର୍ଗତ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ ୨ ବର୍ଷ ପାଇଁ । ଟେଣ୍ଡର ମୂଲ୍ୟ (ଟ.): ୭୬୫୧୨୪୪.୦୦; ଆର୍ନେଷ୍ଟ ଟଙ୍କା (ଟ.): ୧୫୩୦୦୦.୦୦; କ୍ରମ. ନଂ. ୧୨. ଟେଣ୍ଡର ନଂ. ଇ-କେଜିପି-HQ-୫୪-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ SSE(W)/ଦକ୍ଷିଣ-ପଶ୍ଚିମ/KGP ର ଅଧିକାର କ୍ଷେତ୍ର ଅନ୍ତର୍ଗତ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ ୨ ବର୍ଷ ପାଇଁ । ଟେଣ୍ଡର ମୂଲ୍ୟ (ଟ.): ୭୪୬୦୮୫୮.୦୮; ଆର୍ନେଷ୍ଟ ଟଙ୍କା (ଟ.): ୧୪୯୨୦୦.୦୦; କ୍ରମ. ନଂ. ୧୩.ଟେଣ୍ଡର ନମ୍ବର ଇ-କେଜିପି-HQ-୫୫-୨୦୨୬, କାର୍ଯ୍ୟର ବର୍ଣ୍ଣନା: SSE(W)/ଦକ୍ଷିଣ-ପୂର୍ବ/KGP ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୫୩୯୬୨୪୦.୪୪; ଆର୍ନେଷ୍ଟ ମନି (ଟ.): ୧୦୭୯୦୦.୦୦; କ୍ରମ. ନଂ.୧୪. ଟେଣ୍ଡର ନମ୍ବର ଇ-କେଜିପି-HQ-୫୬-୨୦୨୬, କାର୍ଯ୍ୟର ବର୍ଣ୍ଣନା: SSE(W)/ଦକ୍ଷିଣ-ପଶ୍ଚିମ/KGP ର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୫୩୬୪୪୭୨.୮୪; ଆର୍ନେଷ୍ଟ ମନି (ଟ.): ୧୦୭୩୦୦.୦୦; କ୍ରମ. ନଂ. ୧୫. ଟେଣ୍ଡର ନଂ. ଇ-କେଜିପି-HQ-୫୭-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ୍ ପେଟି ମରାମତି କାର୍ଯ୍ୟ ଏବଂ SSE(W)/ପଶ୍ଚିମ/KGP ର ଅଧିକାରକ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ତ୍ରୈମାସିକ ଅଭିଯୋଗର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୫୩୩୨୬୦୫.୨୪; ଆର୍ନେଷ୍ଟ ମନି (ଟ.): ୧୦୬୭୦୦.୦୦; କ୍ରମ. ନଂ. ୧୬. ଟେଣ୍ଡର ନଂ. ଇ-କେଜିପି-ପୂର୍ବ- ୬୫-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ ପେଟି ମରାମତି କାର୍ଯ୍ୟ ଏବଂ ADEN/ପାଂଶକୁଡ଼ାର ଅଧିକାରକ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ତ୍ରୈମାସିକ ଅଭିଯୋଗର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୮୨୧୯୦୩୨.୩୦; ଆର୍ନେଷ୍ଟ ମନି (ଟ.): ୧୬୬୦୦୦.୦୦; କ୍ରମ ନ. ୧୭. ଟେଣ୍ଡର ନମ୍ବର ଇ-କେଜିପି-ପୂର୍ବ-୬୬-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ୍ ଛୋଟ ମରାମତି କାର୍ଯ୍ୟ ଏବଂ ADEN/ସାନ୍ତ୍ରାଗାଛିର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୯୯୨୬୪୬୮.୫୦; ଆର୍ନେଷ୍ଟ ମନି (ଟ.): ୧୯୮୫୦୦.୦୦; କ୍ରମ. ନମ୍ବର ୧୮. ଟେଣ୍ଡର ନମ୍ବର ଇ-କେଜିପି-ପୂର୍ବ-୬୭-୨୦୨୬, କାର୍ଯ୍ୟର ବର୍ଣ୍ଣନା: ବିବିଧ ସିଭିଲ୍ ଛୋଟ ମରାମତି କାର୍ଯ୍ୟ ଏବଂ ADEN/ଶାଲିମାରର ଅଧିକାର କ୍ଷେତ୍ର ଅଧୀନରେ ୨ ବର୍ଷ ପାଇଁ ତ୍ରୈମାସିକ ଅଭିଯୋଗଗୁଡ଼ିକର ସମାଧାନ । ଟେଣ୍ଡର ମୂଲ୍ୟ (ଟ.): ୮୪୬୯୦୬୦.୬୨; ଆର୍ନେଷ୍ଟ ମନି (ଟ.): ୧୬୯୪୦୦.୦୦; କ୍ରମ. ନଂ. ୧୯. ଟେଣ୍ଡର ନମ୍ବର ଇ-କେଜିପି-ପୂର୍ବ-୬୧-୨୦୨୬, କାର୍ଯ୍ୟର ବର୍ଣ୍ଣନା: ... TTR(CS+ CMSC) ... TRR(P) ... Tkm 3) Sr.DEN/ପୂର୍ବ/KGP ର ଅଧିକାରକ୍ଷେତ୍ର ଅଧୀନରେ ... ଟେଣ୍ଡର ମୂଲ୍ୟ (ଟ.): ୪୬୦୯୬୨୭୬.୫୭; ଆର୍ନେଷ୍ଟ ମନି (ଟ.): ୯୨୧୯୦୦.୦୦; କ୍ରମ. ନଂ. ୨୦. ଟେଣ୍ଡର ନଂ. ଇ-କେଜିପି-ପୂର୍ବ-୬୨-୨୦୨୬, କାର୍ଯ୍ୟର ବର୍ଣ୍ଣନା: [illegible]

ନିଲାମ ଆରମ୍ଭ ତାରିଖ ୨୦/୧୦/୨୦୨୬ ରୁ ଏବଂ ୦୩/୧୧/୨୦୨୬ ତାରିଖ ଦିନ ୧୫:୦୦ ଘଂଟା ପର୍ଯ୍ୟନ୍ତ । କ୍ରମ. ନଂ. ୧୯ ରୁ ୨୦ ପାଇଁ ନିଲାମ ଆରମ୍ଭ ତାରିଖ ୨୨/୧୦/୨୦୨୬ ରୁ ଏବଂ ୦୫/୧୧/୨୦୨୬ ତାରିଖ ଦିନ ୧୫:୦୦ ଘଂଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦେଶାବଳୀ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ଼ରଦାତାମାନେ ନିୟମିତ ଭାବରେ "www.ireps.gov.in" ପରିଦର୍ଶନ କରିପାରିବେ । (PR-890)

୧୦ ଜୁଆଡ଼ି ଗିରଫ, ୪ଟି ବାଇକ ଜବତ ଓ କାର ଜବତ

ସିମୁଳିଆ, ୧୨/୧୦ (ଆ.ପ୍ର) : ସିମୁଳିଆ ପୋଲିସର ଜୁଆ ଆଡା ଉପରେ ଅତର୍କିତ ଚଡାଉ, ନଗଦ ଟଙ୍କା ସମେତ ୪ଟି ବାଇକ ଜବତ ଓ କାର ସମେତ, ୧୧ ଜଣଙ୍କୁ ଗିରଫ କରାଯାଇଛି । ଜୁଆ ଖେଳ ହେଉଥିବା ନେଇ ଖବର ପାଇ ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର କ୍ଷୀରୋଦ ସାହୁ, ଏଏସଆଇ ଅଶୋକ କୁମାର ବେହେରା ଓ ଟିମ ଜୁଆ ଆଡା ଉପରେ ଅତର୍କିତ ଚଡାଉ କରିଥିଲେ । ନହଙ୍ଗ ଅଂଚଳର ଅଶୋକ ସାହୁ (୩୦)ବର୍ଷ, ଭଦ୍ରକ ଜିଲ୍ଲା ଧୂଷୁରୀ ଅଂଚଳର ଶ୍ରୀକାନ୍ତ ବେହେରା (୨୮)ବର୍ଷ, ତିହିଡି ଥାନା ଅଂଚଳର ଗଣେଷ ଲେଙ୍କା (୫୪)ବର୍ଷ, ଭଦ୍ରକ ବରାଳପୋଖରୀର ବିଶ୍ୱନାଥ ବେହେରା (୪୮(ବର୍ଷ, ମଠସାହୀର ଆଶିଷ ରାୟ (୪୭)ବର୍ଷ, ନାୟିକାଣିଡ଼ିହି ଥାନା ଶ୍ରୀକାନ୍ତ ବିଶ୍ୱାଳ (୪୪)ବର୍ଷ, ଚାନ୍ଦବାଲିର ଶିଶିର ସେଠି(୬୦)ବର୍ଷ, ନନ୍ଦଗୁଣ୍ଠାର ସନାତନ ବିଶ୍ୱାଳ (୫୨)ବର୍ଷ, ଖଇରା କଇଁଥଗଡିଆର ବନମାଳୀ ପ୍ରସାଦ ସିଂ (୪୬)ବର୍ଷ, ଆଗରପଡ଼ାର ବିକାଶ ସ୍ୱାଇଁ (୪୬)ବର୍ଷ ଓ ସିମୁଳିଆ ଥାନା ଓସଙ୍ଗ ଅଂଚଳର ହେମନ୍ତ ଜେନା (୪୨)ବର୍ଷଙ୍କୁ ଗିରଫ କରି୩୯୬/୨୬ନମ୍ବର ମାମଲା ରୁଜୁ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିଛି । ଚଡାଉ ସମୟରେ ୪ଟି ବାଇକ, ଓ ଏକ ହୋଣ୍ଡା ସିଟିକାର, ସହ ନଗଦ ୫୮୮୦ଟଙ୍କା, ଜୁଆ ଖେଳ ସାମଗ୍ରୀ ୧୨ଟି ଗୋଟି, ଗୋଟିଏ କୁଆପାଲି, ୪ଟି ଡ଼ାଲା ଉଦ୍ଧାର କରିଥିବା ସିମୁଳିଆ ଥାନାଧିକାରୀ ଶ୍ରୀ ଜେନାଙ୍କ ନିକଟରୁ ସୂଚନା ମିଳିଛି ।

ନୀଳଗିରି ସତ୍ୟସାଇ ସେବା ସମିତି ପକ୍ଷରୁ ଭଜନ ଓ ସଫେଇ କାର୍ଯ୍ୟକମ

ନୀଳଗିରି, ୧୨/୧୦ (ଆ.ପ୍ର) : ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଅବସରରେ ଶହେ ଦିନ ଭଜନ ପରିବେଷଣ ସହିତ ସ୍ୱଚ୍ଛତ୍ୱ ରୁ ଦିବ୍ୟତ୍ୱ ଦିବସରେ ସଫେଇ କାର୍ଯ୍ୟକ୍ରମ ଅବସରରେ, ବାଲେଶ୍ୱର ଜିଲା ନୀଳଗିରି ସତ୍ୟସାଇ ସେବା ସମିତି ପକ୍ଷରୁ ପ୍ରତିଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ଅଛି । ନୀଳଗିରି ସେବା ସମିତି ଅଧୀନରେ ଥିବା ଭଜନ ମଣ୍ଡଳୀ ର ସାଇ ଆଶ୍ରିତ ଭାଇ ଭଉଣୀ ମାନେ ନଗର ସଙ୍କୀର୍ତ୍ତନ ପରିବେଷଣ ସହିତ ପ୍ରତିଦିନ ସକାଳେ ବିଭିନ୍ନ ଗ୍ରାମ ମାନଙ୍କରେ ଥିବା ଦେବାଦେବୀ ମନ୍ଦିର, ଅଙ୍ଗନବାଡି, ସ୍କୁଲ ପରିସରକୁ ପରିଷ୍କାର ପରିଛନ୍ନ କରୁ ଥିବା ଦେଖାଯାଉଛି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅକ୍ଟୋବର ଦୁଇତାରିଖ ଠାରୁ ଅକ୍ଟୋବର କୋଡ଼ିଏ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ପ୍ରତିଦିନ ଭୋର ରେ ନଗର ସଙ୍କୀର୍ତ୍ତନ ବାହାରି ଗ୍ରାମ ପରିକ୍ରମା ପରେ ମନ୍ଦିର ବେଦୀ ପରିଷ୍କାର ପରିଚ୍ଛନ୍ନ କରି ଖ୍ୱାର୍ଡ ସଫେଇ କରାଯାଉଛି । ଏହି କାର୍ଯ୍ୟକ୍ରମରେ ନୀଳଗିରି ଭଜନ ମଣ୍ଡଳୀ, ସାଆନ୍ତା ଭଜନ ମଣ୍ଡଳୀ, ଖଜିରା ଭଜନ ମଣ୍ଡଳୀ, ପୋଡାଶୁଳ ଭଜନ ମଣ୍ଡଳୀ ଏବଂ ଝୋଳଲଣ୍ଡା ଭଜନ ମଣ୍ଡଳୀର ସାଇ ଆଶ୍ରିତ ଭାଇ ଭଉଣୀ ମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦିତ ହେଉ ଅଛି ।

ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବିଧାନସଭା ସମ୍ମୁଖରେ ଗଣଧାରଣା ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୧୨/୧୦ (ଆ.ପ୍ର) : ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ଦୀର୍ଘ ଚାରିଦର୍ଶ ଧରି ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କୁ ଆବେଦନ ନିବେଦନ ପରେ କୌଣସି ସୁଫଳ ନ ମିଳିବାରୁ ରାଜ୍ୟ ବିଧାନସଭାର ଆସନ୍ତା ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପାଇଁ କ୍ରିୟାନୁଷ୍ଠାନ ସମିତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରବିବାରଦିନ ଅପରାହ୍ନରେ ଡ. କେଶବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯାଇଛି । ସମିତିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ଓ ସାଧାରଣ ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ଚାରିବର୍ଷଧରି ନେତା, ମନ୍ତ୍ରୀମାନଙ୍କୁ ସାକ୍ଷାତକାର ବ୍ଲକ୍‌ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ବାଲେଶ୍ୱରର କୃଷକ ଓ କୃଷିଜୀବୀମାନଙ୍କ ପକ୍ଷରୁ ଅନେକ ଦାବିପତ୍ର ଦିଆଯାଇଛି ବୋଲି ପ୍ରକାଶ କରିଥିଲେ । ଧାନ, ପାନ ଓ ମୀନ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାକୁ ଅବହେଳା ପ୍ରଦର୍ଶନ କରୁଥିବା ସଂପର୍କରେ ସମିତିର ବହୁ ସଦସ୍ୟ ଅଭିଯୋଗ କରିଥିଲେ । ବାଲେଶ୍ୱରର ସାଂସଦ ଓ ବିଧାୟକମାନେ ଜିଲ୍ଲାବାସୀଙ୍କ ଦାବିକୁ ଯଥାର୍ଥ କହୁଥିବାବେଳେ ରାଜ୍ୟର ଅନ୍ୟ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ଘୋଷଣା ବାଲେଶ୍ୱର ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି ବୋଲି ବୈଠକରେ ମତପ୍ରକାଶ ପାଇଛି । ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ମଣ୍ଡପମାନଙ୍କରେ ସ୍ଥାନୀୟ କମିଟିର କର୍ମକର୍ତ୍ତାମାନଙ୍କ ସହଯୋଗରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ପ୍ରଚାରପତ୍ର ବଂଟନ ଓ ବିଚାରଗଞ୍ଜ ଛକ ପାର୍ଶ୍ୱରେ ଏକ ଅସ୍ଥାୟୀ ଶିବିରରେ କ୍ରିୟାନୁଷ୍ଠାନ ସମିତିର ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ରହି ଆଗାମୀ ଆନ୍ଦୋଳନ ପାଇଁ ସହଯୋଗ କାମନା କରିବା ନିମିତ୍ତ ସର୍ବସମ୍ମତ ନିଷ୍ପତି ନିଆଯାଇଛି । ସର୍ବଶ୍ରୀ ଲକ୍ଷ୍ମଣ ଚରଣ ବିଶ୍ୱାଳ, ସୁରେନ୍ଦ୍ର ଦୀକ୍ଷିତ, ଭାସ୍କର ଚନ୍ଦ୍ର ପଡ଼ୀ, ନିତ୍ୟଗୋପାଳ ଦାସ, ମାୟାଧର ବିଶ୍ୱାଳ, ଅକ୍ଷୟ କୁମାର ତ୍ରିପାଠୀ, ଡ. କ୍ଷିତୀଶ୍ୱର ଦାଶ, ହରନାରାୟଣ ମହୁଆଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୀତାରାମ ପ୍ରଧାନ, ଅପର୍ଣ୍ଣା ମହାପାତ୍ର, ଶ୍ୟାମ ସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, ରବିନାରାୟଣ ଭୋଳ ଓ ବିଜନ ଦେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଡ. କାଳିପଦ ପଣ୍ଡା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇ ଶାରଦୀୟ ଶୁଭେଚ୍ଛା ଜଣାଇଥିଲେ ।

ମୌର୍ଯ୍ୟ ବଏଜ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ

ନୀଳଗିରି, ୧୨/୧୦ (ଆ.ପ୍ର) : ନୀଳଗିରି ମୌର୍ଯ୍ୟ ବଏଜ କ୍ଲବ ପକ୍ଷରୁ ସ୍ଥାନୀୟ ବଡସାହି କଲ୍ୟାଣମଣ୍ଡପରେ ଏକ ମାଗଣା ଦିବ୍ୟାଙ୍ଗ ଚିକିତ୍ସାଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସ୍ଥାନୀୟ ଯୁବ ବୈଜ୍ଞାନିକ ସୁଜିତ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଡିଆରସିଟି ଫିଜିଓ ଥେରାପି ସେଂଟର ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଚିକିତ୍ସା ପ୍ରଦାନ କରାଯାଇଛି । ଚିହ୍ନଟ ହେଉଥିବା ଦିବ୍ୟାଙ୍ଗମାନଙ୍କୁ କିପରି ଆଗାମୀଦିନରେ ମାଗଣାରେ ଚିକିତ୍ସା ପ୍ରଦାନକରାଯିବ ସେନେଇ ମଧ୍ୟ କ୍ଲବ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଆଗାମୀ ଦିନରେ କ୍ଲବର ସଦସ୍ୟମାନେ ନୀଳଗିରିବାସୀଙ୍କ ସେବାରେ କାର୍ଯ୍ୟ କରିବେବୋଲି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ଯଶୋବନ୍ତ ପ୍ରଧାନ, ଉପସଭାପତି ପ୍ରୀତମ ବିଶ୍ୱାଳ, ସମ୍ପାଦକ ସଞ୍ଜୀବ କୁମାର ବେହେରା, କୋଷାଧକ୍ଷ ଦେବବ୍ରତ ବେହେରାଙ୍କ ରଞ୍ଜିତ ପ୍ରଧାନ, ଗୌତମ ବିଶ୍ୱାଳ, ଦିବ୍ୟଜ୍ୟୋତି ଷଡ଼ଙ୍ଗୀ, ସତ୍ୟଜିତ ପ୍ରଧାନ, ଆଦର୍ଶଗୌରବ ଦାସ, ଉଦୟଜ୍ୟୋତି ମହାନ୍ତି, ନିବାଶିଷ ଦ୍ୱିବେଦୀ, ଶଶିକାନ୍ତ ବିଶ୍ୱାଳ, ସୁଶାନ୍ତ ସିଂ, ପ୍ରକାଶ ବେହେରା, ଲିପୁନ ନାୟକ, ପଙ୍କଜ ସାହୁ ସମେତ ବହୁ ସଦସ୍ୟ ସହଯୋଗ କରିଥିବା ଦେଖାଯାଇଥିଲା ।

ରେଳ ବିଭାଗ ବରିଷ୍ଠ ନାଗରିକଙ୍କୁ କରୁନି ସହଯୋଗ

ନୀଳଗିରି, ୧୨/୧୦ (ଆ.ପ୍ର) : ବାଲେଶ୍ୱର ଜିଲା ନୀଳଗିରି ଅଂଚଳରୁ କେତେକ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ଯାଇଥିଲେ । ଯାତ୍ରୀ ମାନେ ମଥୁରା ଜଙ୍ଗସନରୁ ଭୁବନେଶ୍ୱରକୁ ହୀରାକୁଦ ସୁପର ଫାଷ୍ଟ ଏକ୍ସପ୍ରେସ ରେ ଆସିଥିଲେ । ଯାତ୍ରୀ ମାନଙ୍କୁ ରେଳ ବିଭାଗର ଟିକେଟ ସ୍ଲିପର କୋଚରେ ତଳ ସିଟ ମିଳିଥିଲା । ମାତ୍ର ଦିନ ୧୨ଟା ସମୟରେ ମଝି ସିଟର ଯାତ୍ରୀ ଆସି ଜୋର୍ ଜବରଦସ୍ତ ମଝି ସିଟରୁ ଉଠାଇ ଦେଇ ଶୋଇଥିଲେ । ବରିଷ୍ଠ ନାଗରିକ ଦୁଇ ତିନି ଥର ଅଭିଯୋଗ କରିବା ପରେ, ଟି ଟି ସି ଆସି କହିବା ପରେ ସିଟ ଖାଲି ହୋଇଥିଲା । ପୁଣି ସନ୍ଧ୍ୟା ସମୟରେ ଜବରଦସ୍ତ ବରିଷ୍ଠ ନାଗରିକଙ୍କୁ ଠେଲି ସିଟରୁ ଉଠାଇ ଶୋଇଥିଲେ । ରେଳ ବିଭାଗର ନିୟମ ଯାତ୍ରୀ ଖାଇ ସାରିବା ପରେ ରାତି ଦଶଟାରେ ଶୋଇବାର ନିୟମ ଥିବା ବେଳେ, ସନ୍ଧ୍ୟା ଛଟାରେ ଉଠାଇ ଶୋଇବା ଯୋଗୁ ଯାତ୍ରୀ ମାନେ ଖାଇବା ପିଇବାରେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏସମ୍ପର୍କରେ ରେଳ ବିଭାଗରେ ଅଭିଯୋଗ କରାଯାଇଥିଲେ ମଧ୍ୟ ରାତି ନ ଘଟିକା ପର୍ଯ୍ୟନ୍ତ କେହି ଆସି ନଥିଲେ । ପୁନର୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ରେଳ ବିଭାଗ କି ପ୍ରକାର ସୁରକ୍ଷା ଦେଉଛି । ପୁଣି ସ୍ଲିପର କୋଚ୍‌ରେ ସାଧାରଣ ଯାତ୍ରୀଙ୍କ ଭିଡ ସେଥିପ୍ରତି ରେଳ ବିଭାଗର କୌଣସି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ରେଳ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବା ସହିତ ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଦୃଷ୍ଟି ଦେବାକୁ ନୀଳଗିରି ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଦାବୀ କରାଯାଉଛି ।

ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ୨୦୨୬ 'ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ' ତାଲିକାରେ ସ୍ଥାନ ପାଇଲେ ବାଲେଶ୍ୱରର ବୈଜ୍ଞାନିକ ଡକ୍ଟର ସିଦ୍ଧାର୍ଥ ପତି

ବାଲେଶ୍ୱର, ୧୨/୧୦ (ଆ.ପ୍ର) : ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)ର ବିଶେଷଜ୍ଞ ତଥା ନାଟନୋଭ୍ ବାୟୋସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ସଂପୃକ୍ତ ଡ. ସିଦ୍ଧାର୍ଥ ପତିଙ୍କ ନାମ ୨୦୨୬ ମସିହାର ଏକ ବୈଜ୍ଞାନିକ ରାଙ୍କିଂ ପ୍ରୋଫାଇଲରେ ସ୍ଥାନ ପାଇଛି । ଟପ୍‌ସାଇନେଟ୍/ଟପ୍‌ରିସର୍ଚ୍ଚର୍ସଲିଷ୍ଟ ମଂଚରେ ପ୍ରକାଶିତ ଏହି ପ୍ରୋଫାଇଲରେ ଜୈବ ପ୍ରଯୁକ୍ତିବିଦ୍ୟା ଓ ଅଣୁଜୀବ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଗବେଷଣାତ୍ମକ କାର୍ଯ୍ୟକୁ ଉଲ୍ଲେଖ କରାଯାଇଛି । ଉକ୍ତ ମଂଚରେ ପ୍ରଦର୍ଶିତ ତଥ୍ୟ ଅନୁଯାୟୀ, ଡ. ପତିଙ୍କ ବିଶ୍ୱସ୍ତରୀୟ ରାଙ୍କ ୨୩୦,୭୪୭ ଏବଂ ଅଣୁଜୀବ ବିଜ୍ଞାନ ଉପକ୍ଷେତ୍ରରେ ରାଙ୍କ୍ ୪,୪୪୧ ରହିଛି । ତାଙ୍କର ଏଚ୍-ଇଣ୍ଡେକ୍ସ ୨୦ ବୋଲି ଦର୍ଶାଯାଇଛି । ଜୈବ-ଚିକିତ୍ସା ଗବେଷଣାକୁ ତାଙ୍କର ପ୍ରମୁଖ ଗବେଷଣା କ୍ଷେତ୍ର ଭାବେ ଉଲ୍ଲେଖ କରାଯାଇଛି । ତେବେ ଏହି ପ୍ରୋଫାଇଲର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର୍ ପକ୍ଷରୁ ପ୍ରକାଶିତ ମୂଳ 'ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ' ତଥ୍ୟଭଣ୍ଡାର ସହ ସମ୍ପର୍କ ସ୍ୱତନ୍ତ୍ର ଭାବେ ଯାଂଚ କରାଯିବା ଆବଶ୍ୟକ । ଡ. ପତି ୨୦୧୯ ମସିହାରେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଜୈବ ପ୍ରଯୁକ୍ତିବିଦ୍ୟାରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ । ତାଙ୍କ ଗବେଷଣା କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ପରମାଣୁ ବିଜ୍ଞାନ ଗବେଷଣା ବୋର୍ଡ (ବିଆର୍‌ଏନ୍‌ଏସ୍) ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ମାଲେସିଆର ୟୁନିଭର୍ସିଟି ମାଲେସିଆ ତେରେଙ୍ଗାନୁରେ ପୋଷ୍ଟଡକ୍ଟରାଲ୍ ଗବେଷଣା କରିଥିଲେ । ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ, ପ୍ରାକୃତିକ ଉତ୍ପାଦ, ଖାଦ୍ୟ ବିଜ୍ଞାନ, ଜୈବ-ପଲିମର ଏବଂ ଜୈବ ବିବିଧତା ସଂରକ୍ଷଣ ତାଙ୍କର ପ୍ରମୁଖ ଗବେଷଣା କ୍ଷେତ୍ର । ତାଙ୍କର ଉଲ୍ଲେଖନୀୟ ସମ୍ମାନ ମଧ୍ୟରେ ଓଡ଼ିଶା ସରକାରଙ୍କ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର, ଇଣ୍ଡୋନେସିଆର ଉଦୟନ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ ୟୁନିସର୍ଫ ପୁରସ୍କାର ଏବଂ ବ୍ରିଟେନ୍‌ର କନ୍‌ଜରଭେସନ୍ ଲିଡରସିପ୍ ପ୍ରୋଗ୍ରାମ୍ ପକ୍ଷରୁ ପ୍ରଦତ୍ତ ସିଏଲପି ଫ୍ୟୁଚର୍ କନ୍‌ଜରଭେସନିଷ୍ଟ ପୁରସ୍କାର ଅନ୍ତର୍ଭୁକ୍ତ ବୋଲି ଉଲ୍ଲେଖ ରହିଛି । ବୈଜ୍ଞାନିକ ଗବେଷଣା ଓ ସଂରକ୍ଷଣ ସମ୍ପର୍କିତ କାର୍ଯ୍ୟ ମାଧ୍ୟମରେ ଡ. ପତି ଜୈବ ପ୍ରଯୁକ୍ତିବିଦ୍ୟାରେ ନବସୃଜନ, ପରିବେଶଗତ ସ୍ଥିରତା ଏବଂ ଜୈବ ବିବିଧତାର ସୁରକ୍ଷା ଭଳି କ୍ଷେତ୍ର ସହ ଜଡ଼ିତ ରହିଛନ୍ତି । ତାଙ୍କର ଶିକ୍ଷାଗତ ଉପଲବ୍ଧି ଓ ଅନ୍ତର୍ଜାତୀୟ ଗବେଷଣା ଅଭିଜ୍ଞତା ବୈଜ୍ଞାନିକ ଜ୍ଞାନର ଅଗ୍ରଗତିରେ ଓଡ଼ିଶାର ଗବେଷକମାନଙ୍କ ଭୂମିକାକୁ ଉଜାଗର କରିବା ସହ ଜୈବ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ପରିବେଶ ସଂରକ୍ଷଣ ମଧ୍ୟରେ ସମନ୍ୱୟର ବର୍ଦ୍ଧିତ ସମ୍ଭାବନାକୁ ପ୍ରତିଫଳିତ କରୁଛି ।

ନୃତ୍ୟ ସଙ୍ଗୀତ କଳାମନ୍ଦିରର ରତ୍ନଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୨/୧୦ (ଆ.ପ୍ର) :ନୃତ୍ୟ ସଙ୍ଗୀତ କଳାମନ୍ଦିର ପ୍ରତିଷ୍ଠାର ୭୦ବର୍ଷ ପୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ରତ୍ନ ଜୟନ୍ତୀ ଉତ୍ସବ (୧୯୫୬ରୁ ୨୦୨୬) ଆସନ୍ତା ଡିସେମ୍ବର ୧୧, ୧୨ ଓ ୧୩ ତାରିଖ ତିନିଦିନ ବ୍ୟାପୀ ଟାଉନହଲ୍‌ରେ ଅନୁଷ୍ଠିତ ହେବ । ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି କମିଟିର ବୈଠକ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ୩ ଦିନ କାର୍ଯ୍ୟକ୍ରମର ସୂଚନା ସହ ଖର୍ଚ୍ଚ ଅଟକଳ ବୈଠକରେ ଉପସ୍ଥାପିତ କରିଥିଲେ । ବାଲେଶ୍ୱରର ଏହି ବିଦ୍ୟାଳୟରୁ କୃତିତ୍ୱର ସହ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କର ଗୋଟିଏ ଦିନ ସମାବେଶ ହେବ । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ । ପୁରାତନ ଛାତ୍ରଛାତ୍ରୀ ଏଥିପାଇଁ ଅନୁଷ୍ଠାନର ସଂପାଦକଙ୍କ ସହ ଯୋଗାଯୋଗ କରିବାକୁ ବୈଠକରେ ଅନୁରୋଧ କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ, ଶରତ କୁମାର ମହାପାତ୍ରଙ୍କ ସମେତ ହରେନ୍ ଚନ୍ଦ୍ର ରଣା, ଅଶୋକ ଆଶ୍, ଉତ୍ପଳ ମହାନ୍ତି, ଗୋପାମୁଦ୍ରା ମହାପାତ୍ର, ବ୍ରହ୍ମନାଥ ରଥ, ଗୌରାଙ୍ଗ ପାଣିଗ୍ରାହୀ, ସୁଚାସ୍ମା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି ତ୍ରିଦିବସୀୟ ରତ୍ନଜୟନ୍ତୀ କିପରି ସଫଳ ହେବ ସେ ସଂପର୍କରେ ମତାମତ ଦେଇଥିଲେ ।

ମାନସିକ ସୁସ୍ଥତା ପାଇଁ ସହାନୁଭୂତି ଓ ସଚେତନତା ଜରୁରୀ: ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ନୀଳଗିରି, ୧୨/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ମନସ୍ତତ୍ୱ ବିଭାଗ ଓ ବିଶ୍ୱବିଦ୍ୟାଳୟ ପରାମର୍ଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ମାନସିକ ସୁସ୍ଥତା ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଉଲ୍ଲେଖ କରିବା ସହ ଏ ଦିଗରେ ସଚେତନତା ବୃଦ୍ଧି, ସହାନୁଭୂତିର ସହ ଅନ୍ୟର କଥା ଶୁଣିବା ଓ ଠିକ୍ ସମୟରେ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଓ କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ବିଶେଷ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅଧକ୍ଷୀୟ ଅଭିଭାଷଣରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ, ଶିକ୍ଷା କେବଳ ପାଠପଢ଼ା ଓ ଶୈକ୍ଷିକ ସଫଳତା ମଧ୍ୟରେ ସୀମିତ ନୁହେଁ; ଏହା ବ୍ୟକ୍ତିର ମାନସିକ ସୁସ୍ଥତା ଓ ସାମଗ୍ରିକ ବିକାଶ ସହ ଜଡ଼ିତ । ଛାତ୍ରଛାତ୍ରୀମାନେ ଯେପରି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଖରେ ବିନା ଦ୍ୱିଧାରେ ନିଜ ସମସ୍ୟା ପ୍ରକାଶ କରିପାରିବେ ଓ ବିନା ଭୟରେ ସହାୟତା ଲୋଡ଼ିପାରିବେ, ସେଥିପାଇଁ ଏକ ସହଯୋଗପୂର୍ଣ୍ଣ ଓ ସମ୍ବେଦନଶୀଳ ପରିବେଶ ଗଢ଼ିତୋଳିବା ଆବଶ୍ୟକ । ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର, ମାନସିକ ସ୍ୱାସ୍ଥ୍ୟର ପ୍ରଭାବ ବ୍ୟକ୍ତିର ଆଚରଣ, ପାରସ୍ପରିକ ସମ୍ପର୍କ ଓ ସାମାଜିକ ଜୀବନ ଉପରେ ପଡ଼ିଥାଏ ବୋଲି କହିଥିଲେ । ମାନସିକ ସମସ୍ୟାକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଓ ସାମାଜିକ କୁଣ୍ଠା ଦୂର କରିବା ସହ ଲୋକେ ଯେପରି ନିର୍ଭୟରେ ନିଜ ସମସ୍ୟା କହିପାରିବେ, ସେଥିପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଆମନ୍ତ୍ରିତ ଅତିଥି ଯଥା- କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ପରାମର୍ଶଦାତା ଡ଼କ୍ଟର ରାଜଲକ୍ଷ୍ମୀ ପଣ୍ଡା ଏବଂ ପୁରୀ ଜିଲ୍ଲାର ଅତିଟ୍ ଅଧିକାରୀ ତଥା ଓଡ଼ିଶା ଅର୍ଥ ସେବା ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ଉତ୍ପର୍ଣା ପ୍ରଧାନ- ମାନସିକ ସୁସ୍ଥତାର ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ ଓ ଅନୁଷ୍ଠାନର ପ୍ରଗତି କ୍ଷେତ୍ରରେ ଗୁରୁତ୍ୱ ଉପରେ ମତ ରଖିଥିଲେ । ଏଥିସହ ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ ମଧ୍ୟ ଉପସ୍ଥିତ ହୋଇ- ମାନସିକ ସୁସ୍ଥତା ରକ୍ଷା ପାଇଁ ସଚେତନତା, ଉପଯୁକ୍ତ ବୁଝାମଣା ଓ ଠିକ୍ ସମୟରେ ସହାୟତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ "ଅନୁଭୂତିର ସ୍ୱର ଶୁଣିବା: ବାସ୍ତବ ଅନୁଭବ, ବାସ୍ତବ ପରିବର୍ତ୍ତନ" ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ମାନସିକ ସମସ୍ୟାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ଅନୁଭୂତିକୁ ଗୁରୁତ୍ୱ ଦେବା, ଖୋଲାଖୋଲି ଆଲୋଚନା କରିବା ଓ ପକ୍ଷପାତହୀନ ଭାବେ ସେମାନଙ୍କ କଥା ଶୁଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମନସ୍ତତ୍ୱ ବିଭାଗର ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଜୟନ୍ତୀ ମାଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶଶାଙ୍କ ଶେଖର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବୃଦ୍ଧି ଓ ସାମାଜିକ କୁଣ୍ଠା ଦୂର କରିବା ପ୍ରତି - 'ମାନସିକ ସ୍ୱାସ୍ଥ୍ୟ ସମସ୍ତଙ୍କ ଦାୟିତ୍ୱ, ସହାୟତା ଲୋଡ଼ିବା ଦୁର୍ବଳତା ନୁହେଁ ବରଂ ସାହସର ପରିଚୟ ଏବଂ ସହାନୁଭୂତିର ସହ ଅନ୍ୟର କଥା ଶୁଣିବା ହିଁ ସକାରାତ୍ମକ ପରିବର୍ତ୍ତନର ପ୍ରଥମ ପଦକ୍ଷେପ' ବୋଲି ବାର୍ତ୍ତା ପ୍ରଦାନ କରାଯାଇଛି ।

ସମ୍ପାଦକୀୟ...

ମାନସିକତା

ସମସ୍ୟା ଜର୍ଜରିତ ସାମାଜିକ ଜୀବନରେ ସନ୍ତାନକାମୀ ପିତାମାତା ଆଜି କନ୍ୟା ସନ୍ତାନ ପରିବର୍ତ୍ତେ ପୁତ୍ର ସନ୍ତାନ ଜନ୍ମ ଦେବାକୁ ପସନ୍ଦ କରୁଛନ୍ତି । କାରଣ ଆଜି ଆଉ ବିଧାତାର କନ୍ୟା ସୃଷ୍ଟି ଏକ ବରଦାନ ନୁହେଁ, ତାହା ଅଭିସମ୍ପାତ ରୂପେ ବିବେଚିତ । କନ୍ୟାଟିର ପରିଣୟ ପର୍ବ ସହିତ ଯୌତୁକର ସମ୍ପର୍କ ଯେଉଁଭଳି ଭାବରେ ଘନୀଭୂତ ହୋଇଉଠିଛି ତାହା ଦ୍ୱାରା ସମାଜ ଏକ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇଛି । ଯୌତୁକ ପ୍ରଥା ଭାରତୀୟ ସାମାଜିକ ଜୀବନରେ ଏକ ପରମ୍ପରା ହେଲେ ମଧ୍ୟ ପ୍ରାଚୀନ କାଳରେ ତାହା କନ୍ୟାକର୍ତ୍ତା ଉପରେ ଦୁର୍ବହ ଭାର ହୋଇ ତା'ର ମେରୁ ଭଗ୍ନ କରୁ ନଥିଲା । ସ୍ୱାମୀ ଗୃହାଭିମୁଖିନୀ ନବବିବାହିତା କନ୍ୟା ନିଜ ସଙ୍ଗରେ ଯେଉଁ ସାମାନ୍ୟ ଉପଢୌକନ ଘେନି ଯାଉଥିଲା, ସେଥିରେ ଜଡ଼ିତ ହୋଇ ରହିଥିଲା ପିତୃ ମାତୃ ଗୁରୁଜନମାନଙ୍କର ଅସରନ୍ତି ଅପାର୍ଥିବ ସନ୍ତାନ ବାତ୍ସଲ୍ୟର ନିଦର୍ଶନ । ସେତେବେଳେ ପ୍ରାଚୀନ ରାଜ ପରିବାରରେ ଦାସଦାସୀଙ୍କୁ ମଧ୍ୟ ଯୌତୁକ ସୂତ୍ରରେ ଦାନ କରାଯାଉଥିଲା । ପୁନଶ୍ଚ ପୈତୃକ ସମ୍ପତ୍ତିରେ କନ୍ୟାର ସ୍ୱତ ସାବ୍ୟସ୍ତ କରାଯାଇ ନଥିବାରୁ ପିତୃ ପରିବାର ପରିତ୍ୟାଗ କରିବା ସମୟରେ କନ୍ୟା ନିଜ ସହିତ କିଛି ଧନର ବସ୍ତ୍ର ଅଳଙ୍କାର ଆଦି ଘେନି ଯାଉଥିଲା । ମାତ୍ର ସେଦିନର ସେହି ସ୍ୱେଚ୍ଛାକୃତ, ସ୍ନେହସିକ୍ତ, ଅମୂଲ୍ୟ ବାତ୍ସଲ୍ୟ ପ୍ରୀତିର ନିଦର୍ଶନ ରୂପେ ବିବେଚିତ ସ୍ନେହୋପହାର ଆଧୁନିକ ଯୁଗରେ ମାନ, ମତାନ୍ତର, ଅପ୍ରୀତି ପରିବର୍ତ୍ତକ ଏକ ଦାବି ଓ ଅଧିକାରରେ ପର୍ଯ୍ୟବେସିତ ହୋଇଛି । ଆଜି ଯୌତୁକ ଆକାରରେ ଟି.ଭି. ଫ୍ରିଜ୍, କାର୍, ମଟର ସାଇକେଲ, ନଗଦ ଅର୍ଥ, ସ୍ୱର୍ଣ୍ଣ ଅଳଙ୍କାର ଓ ମୂଲ୍ୟବାନ ଆସବାବ ଦେବାକୁ ପଡୁଛି । ଯେଉଁଥିପାଇଁ ବିବାହ ସମାପନ କରିବା ପର୍ଯ୍ୟନ୍ତ ଜଣେ କନ୍ୟାପିତାଙ୍କୁ ଅତିକମ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡୁଛି । ଏପରିକି ବିବାହର ସମସ୍ତ ପୂଜାବିଧି ସାରିଲା ବେଳକୁ ପାଖାପାଖି ୧୦ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡୁଛି । ଏଥିପାଇଁ କନ୍ୟାପିତାଙ୍କୁ ବ୍ୟାଙ୍କରୁ ଋଣ ଓ ବିଭିନ୍ନ ସ୍ଥାନରୁ କରଜ କରିବାକୁ ପଡୁଛି । ମଧ୍ୟବିତ୍ତ ପରିବାର ମଧ୍ୟ କରଜ କରି କନ୍ୟାଦାନ କରୁଛନ୍ତି । କାରଣ ଆଜିର ସମୟରେ ବିବାହକୁ ଧୁମ୍‌ଧାମ୍‌ରେ ପାଳନ କରିବା ଏକପ୍ରକାର ସଉକ ପାଲଟିଗଲାଣି । ସେଥିରେ ଊଣା ହେଲେ ପିତୃଗୃହରେ ନବବଧୂର ଚରମ ନିର୍ଯ୍ୟାତନା ସହିତ ଜୀବନ ବିପନ୍ନ ହୋଇପଡୁଛି । ଆଧୁନିକ ସମାଜରେ ବିବାହ ଯେ ଧନ, ରତ୍ନ, ଟଙ୍କା, ସୁନା ଇତ୍ୟାଦି ଯୌତୁକର ବିନିମୟରେ ବରପାତ୍ର ବିକ୍ରୟର ଏକ ବିପଣୀ, ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅର୍ଥଲାଳସା ଦାମ୍ପତ୍ୟ ଜୀବନରେ ନାନା ଅଶାନ୍ତି ସୃଷ୍ଟି କରି ମଧୁର ଜୀବନ ଧାରାରେ ଉତ୍କଟ ବିଷୟ ଯନ୍ତ୍ରଣା ସଞ୍ଚାର କରିଥାଏ । ପାତ୍ର, ଅପାତ୍ର ପ୍ରତି ଦୃଷ୍ଟି ନାହିଁ, ଯୋଗ୍ୟତାର ବିଚାର ନାହିଁ, ଚରିତ୍ର ବା ସୌନ୍ଦର୍ଯ୍ୟର ମୂଲ୍ୟାଙ୍କନ ନାହିଁ । ବହୁ ଉଚ୍ଚଶିକ୍ଷିତ ଯୁବକ ତଥା ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଏହି ଅବାଞ୍ଛିତ ମନୋବୃତ୍ତି ଆଜି ସମାଜରେ ଅଶାନ୍ତିର ବହ୍ନି ପ୍ରଜ୍ଜ୍ୱଳିତ କରିଛି । ଯୌତୁକ ଦାନର କ୍ଷମତା ଅଭାବରୁ କେଉଁଠି ଅବିବାହିତା କନ୍ୟା ଗୃହକୋଣରେ ନିରବରେ ଅଶ୍ରୁ ସମ୍ପାତ କରୁଛି ତ କେଉଁଠି ବୃଦ୍ଧ ପିତାମାତା ଏକମାତ୍ର କନ୍ୟାର ବିବାହ କରାଇ ନପାରି ଗଭୀର ମନୋବେଦନାରେ କାଳ ନିର୍ବାହ କରୁଛନ୍ତି । ପୁଣି କେଉଁଠି ଅବା ଦାବି ଅପୂରଣୀୟ ରହିଲେ ବିବାହ ବେଦୀରୁ ବର ବାହୁଡ଼ି ଯିବାର ନିନ୍ଦନୀୟ ବ୍ୟାପାର ସଂଘଟିତ ହେଉଛି । ଯୌତୁକ ସମସ୍ୟାର ନିରାକରଣ ନିମନ୍ତେ ସରକାର ୧୯୭୧ ମସିହାରୁ 'ଯୌତୁକ ନିରୋଧ ଆଇନ୍' ପ୍ରଣୟନ କରିଛନ୍ତି । ୧୯୮୪ ମସିହାରେ ଏହି ଆଇନ୍‌ରେ କିଛି ସଂଶୋଧନ କରି ଯୌତୁକ ଦେବା ସହିତ ଯୌତୁକ ନେବାକୁ ମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ଗ୍ରହଣ କରାଯାଇଛି । ଯୌତୁକ ଦେଇଥିବା ବା ନେଇଥିବା ପ୍ରମାଣିତ ହେଲେ ଅପରାଧୀଙ୍କୁ ୧ ହଜାର ଟଙ୍କା ଜରିମାନା ସହିତ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଦିଆଯିବାର ବ୍ୟବସ୍ଥା ରହିଛି, କିନ୍ତୁ ଦୁଃଖର କଥା ପ୍ରକାଶ୍ୟ ଭାବରେ ଶହ ଶହ ଦର୍ଶକଙ୍କ ସମ୍ମୁଖରେ ଏହି କାରବାର ଚାଲିଥିଲେ ମଧ୍ୟ ଆଇନ କେବଳ ଏକ ନିରବଦ୍ରଷ୍ଟା ଭାବରେ ହିଁ ଦଣ୍ଡାୟମାନ ହୋଇ ରହୁଛି । ବଧୂହତ୍ୟା ଓ ଯୌତୁକ ନିର୍ଯ୍ୟାତନା ପାଇଁ ବହୁ ଅପରାଧୀ ଦଣ୍ଡିତ ହେଉଥିଲେ ମଧ୍ୟ ଆଇନର ତ୍ରୁଟି ଯୋଗେ ଅନେକ ସମୟରେ ଅପରାଧୀମାନେ ଖସି ଯାଉଛନ୍ତି । ଏହି ଉତ୍କଟ ସାମାଜିକ ବ୍ୟାଧିର ନିରାକରଣ ନିମନ୍ତେ ଯୌତୁକ ନିରୋଧ ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ଭାବେ ଯୌତୁକ ଜନିତ ନିର୍ଯ୍ୟାତନା ଦୂର କରି ପାରିନାହିଁ । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଆଧୁନିକ ଯୁବକର ନୈତିକତା ଏଥିନିମନ୍ତେ ବ୍ୟଥିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହାର ସମାଧାନ ଆଶା କ୍ଷୀଣ । ବିବାହ ଯେ କେବଳ ସ୍ତ୍ରୀ ପାଇଁ ଅତ୍ୟାବଶ୍ୟକ ଏବଂ ସେଥିନିମନ୍ତେ ପୁରୁଷଙ୍କୁ ନାନା ସ୍ୱାର୍ଥରେ ପ୍ରଲୋଭିତ କରି ସ୍ୱୀକୃତ କରାଇବା କନ୍ୟାକର୍ତ୍ତାର କର୍ତ୍ତବ୍ୟ, ଏଭଳି ଚିନ୍ତା ପରିହାର କରିବା ଉଚିତ୍ । ସ୍ତ୍ରୀ ହେଉଛି ପୁରୁଷର ଅର୍ଦ୍ଧାଙ୍ଗିନୀ ଏବଂ ସେ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପୁରୁଷର ସହକର୍ମିଣୀ, ସହଧର୍ମିଣୀ ଏବଂ ସମଦୁଃଖିନୀ ମଧ୍ୟ ।

ଆମେରିକାର ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନ ଓ ଟ୍ରମ୍ପଙ୍କ ଚିନ୍ତା

॥ ଡା. ରାଜକିଶୋର ପଣ୍ଡା ॥

ଓ୍ୱାଶିଂଟନର ବୈଦେଶିକ ନୀତି ବର୍ତ୍ତମାନ ସମୟରେ ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ଏକ ବିଚିତ୍ର ରିଏଲିଟି ସୋ ଭଳି ମନେହୁଏ, ଯେଉଁଭଳି ସୋ ଗୁଡ଼ିକୁ ତାଙ୍କର ଟି.ଭି. ଦିନ ମାନଙ୍କରେ ପରିଚାଳନା କରୁଥିଲେ ରାଷ୍ଟ୍ରପତି ଟ୍ରମ୍ପ । ଏହି ନୀତି ଭାରତକୁ ବାଧ୍ୟ କରୁଛି, ଯୁକ୍ତରାଷ୍ଟ୍ରଠାରୁ ବିଲିଅନ୍ ବିଲିଅନ୍ ମୂଲ୍ୟର ଦ୍ରବ୍ୟ ଓ ସେବା କିଣିବା ସହିତ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ନତମସ୍ତକ ହେବା ପାଇଁ ।

ଆମେରିକା ବର୍ତ୍ତମାନ ଆଗେଇ ଚାଲିଛି ଏକ ନିର୍ଣ୍ଣାୟକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଯାହାକି ଅନୁଷ୍ଠିତ ହେବ ନଭେମ୍ବର ତିନି, ୨୦୨୬ ରେ ଓ ଯେଉଁ ଗୁରୁତର ସମସ୍ୟା ଗୁଡ଼ିକ ସମ୍ପ୍ରତି ଭାରତ - ଆମେରିକା ସମ୍ବନ୍ଧକୁ ପ୍ରଭାବିତ କରୁଛନ୍ତି, ସେଗୁଡ଼ିକ ହେଲେ ବାଣିଜ୍ୟ, ଶୁଳ୍କର ଦର ଓ ଇମିଗ୍ରେସନ୍ ବା ପ୍ରବାସୀ ସମସ୍ୟା । ଏହି ନିର୍ବାଚନ ଯାହା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଠିକ୍ ଅଧା ସମୟର ପୂର୍ତ୍ତି ବେଳକୁ ଅନୁଷ୍ଠିତ ହେଉଅଛି, ଏକଶହ କୋଡ଼ିଏ ତମ ଆମେରିକୀୟ କଂଗ୍ରେସର ଗଠନ ଓ ରୂପରେଖ ନିର୍ଣ୍ଣୟ କରିବ । ଏଥିରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଚାରିଶହ ପଇଁତିରିଶଟି ଆସନ ଓ ସିନେଟ୍‌ର ପଇଁତିରିଶଟି ଆସନ ପାଇଁ ମତ ଦାନ କରାଯିବ । ଯଦି ନିର୍ବାଚନରେ ଶାସକ ରିପବ୍ଲିକାନ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ବାକି ରହିଥିବା କାର୍ଯ୍ୟ ଅବଧିକୁ ଟ୍ରମ୍ପ ନିଜ ଇଚ୍ଛାନୁସାରେ ପରିଚାଳନା କରି ପାରିବେ ଓ ଏଥିରେ ତାଙ୍କୁ ବିଶେଷ ସହାୟକ ହେବେ ଗୃହର ବାଚସ୍ପତି ମାଇକ୍ ଜନସନ୍ । ଏହାର କାରଣ ଗୃହର ନିୟମାବଳୀ ଅପେକ୍ଷା ନିଜକୁ ଟ୍ରମ୍ପଙ୍କ ଅନୁଚର ଭାବରେ ପ୍ରତିପାଦିତ କରିବା ପାଇଁ ଜନସନ୍‌ଙ୍କ ପ୍ରଚେଷ୍ଟା ଅଧିକ ରହୁଛି । କିନ୍ତୁ ଯଦି ନିର୍ବାଚନରେ ଡେମୋକ୍ରାଟ୍‌ମାନେ ବିଜୟ ଲାଭ କରନ୍ତି ତେବେ କଂଗ୍ରେସ ନେତୃତ୍ୱର ଚାବିକାଠି ସେମାନଙ୍କ ହାତକୁ ଯିବ ଓ ଯେକୌଣସି ସରକାରୀ ନିଷ୍ପତି ଏବଂ ଆଲୋଚନାରେ ଚେକ୍ ବାଲାନ୍ସ ପରିସ୍ଥିତି ସୃଷ୍ଟି ହେବା ସାଙ୍ଗକୁ ଟ୍ରମ୍ପଙ୍କ "ଏକଛତ୍ରବାଦ" ମଧ୍ୟ ବାଧାପ୍ରାପ୍ତ ହେବ । ତେବେ ଏହି ଭିତରେ ଆମେରିକାର ସୁପ୍ରିମକୋର୍ଟ ଓ ଜିଲ୍ଲା କୋର୍ଟ ସମୂହ ଟ୍ରମ୍ପଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇ ଚାଲିଛନ୍ତି । ତାଙ୍କ ଯୋଗେ ମତଦାନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଟ୍ରମ୍ପଙ୍କର ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ଯୁକ୍ତରାଷ୍ଟ୍ରର ସମଗ୍ର ମତଦାନର ପାଖାପାଖି ତିରିଶ ପ୍ରତିଶତ ଡାକ ଯୋଗେ ସମ୍ପନ୍ନ ହୋଇଥାଏ । ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ବନ୍ଦ କରିବା ପାଇଁ ଇଚ୍ଛୁକ କାରଣ ତାଙ୍କ ଅନୁଯାୟୀ ବେଆଇନ ପ୍ରବାସୀ ଗୋଷ୍ଠୀ ଯେଉଁମାନଙ୍କର କୌଣସି ବୈଧ ପରିଚୟ ପତ୍ର ନ ଥାଏ, ସାମୂହିକ ଭାବରେ ଡାକ ମାଧ୍ୟମରେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥାନ୍ତି । ଟ୍ରମ୍ପଙ୍କର ଲୋକପ୍ରିୟତା ବା ଆପ୍ରୁଭାଲ୍ ରେଟିଙ୍ଗ୍ କ୍ରମାଗତ ଭାବରେ ହ୍ରାସ ପାଉଛି । ରିପବ୍ଲିକାନ୍ ପ୍ରାର୍ଥୀମାନେ ମଧ୍ୟ ଚାହୁଁ ନାହାନ୍ତି କି ସେ, ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ପ୍ରଚାର କରନ୍ତୁ । ଇରାନ ଯୁଦ୍ଧ ଯୋଗୁଁ ଯୁକ୍ତରାଷ୍ଟ୍ରରେ ମୁଦ୍ରାସ୍ଫୀତି ବଢ଼ିବା ସହିତ ଗ୍ୟାସୋଲିନ ଓ ଡିଜେଲର ଦର ମଧ୍ୟ ବଢ଼ିବାରେ ଲାଗିଛି । ଗୋଟିଏ କାର ବହୁଳ ଦେଶ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ପଶ୍ଚିମ ରାଷ୍ଟ୍ର ମାନଙ୍କ ମଧ୍ୟରେ ଆମେରିକାର ହିଁ ସବୁଠାରୁ ଦୁର୍ବଳ ରେଳ ଭିତିଭୂମି ଅଛି, ଯାହା ବ୍ୟାପକ ଭାବରେ ଡିଜେଲ ଉପରେ ହିଁ ନିର୍ଭରଶୀଳ । ଏହାର ବିପରୀତରେ ଭାରତର ଅନେଶତ ପ୍ରତିଶତ ରେଳ ନେଟ୍‌ୱାର୍କ ବିଦ୍ୟୁତ୍ ଚାଳିତ ଅଟେ । ଆମେରିକା ଭେନେଜୁଏଲାରେ କରିଥିବା କାର୍ଯ୍ୟକଳାପକୁ ଆମେ ନିଓକଲୋନିଆଲିଜିମ୍ ବୋଲି କହିପାରିବା । ଏଥିରେ ଗୋଟିଏ ଶକ୍ତିଶାଳୀ ଦେଶ ଅନ୍ୟ ଗୋଟିଏ ଦୁର୍ବଳ ଦେଶକୁ ସିଧାସଳଖ ଦଖଲ ନ କରି, ଦୁର୍ବଳ ଦେଶଟିର ଅର୍ଥନୀତି, ଖଣିଜ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଉପରେ ଅପ୍ରତ୍ୟକ୍ଷ ଭାବରେ ନିଜର ପରିଆରା ଜାହିର କରିଥାଏ । ଇରାନ ଉପରେ ମଧ୍ୟ ଏହି ଉପାୟଟି ଆମେରିକା ଓ ବ୍ରିଟେନ୍ ପ୍ରୟୋଗ କରିଥିଲେ ତେସ୍ତରୀ ବର୍ଷ ତଳେ । ୧୯୫୩ ରେ ଏକ ସାମରିକ ବିଦ୍ରୋହ ଜରିଆରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଇରାନର ରାଷ୍ଟ୍ରପତି "ମହମ୍ମଦ ମୋସାଦେଘ"ଙ୍କୁ ଆମେରିକା ଓ ବ୍ରିଟେନ୍ ଗାଦିରୁ ବିତାଡ଼ିତ କରିଥିଲେ । କାରଣ ଥିଲା ଇରାନର ତୈଳ ସମ୍ପଦକୁ ଜାତୀୟକରଣ କରିବା ପାଇଁ ମୋସାଦେଘ୍‌ଙ୍କର ନିଷ୍ପତି ୧୯୫୧ ମସିହାରେ । ମୋସାଦେଘଙ୍କ ପରେ ଇରାନରେ ନୂଆ ନେତା "ମହମ୍ମଦ ରେଜା ପାହାଲଭି" ଆମେରିକାର "ନିଓ କଲୋନିଆଲିଜିମ୍" ଚିନ୍ତାଧାରା ଅନୁଯାୟୀ ଦେଶର ତୈଳ ସମ୍ପଦଗୁଡ଼ିକୁ ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍‌ର ତୈଳ କମ୍ପାନୀ ହାତକୁ ଟେକି ଦେଇଥିଲେ ।

ଏଠାରେ ଅତୀତ ପୃଷ୍ଠାକୁ ଯିବାର କାରଣ, ସେତେବେଳେ ଯଦିଓ ଆମେରିକାର ଇରାନକୁ ନିୟନ୍ତ୍ରଣ କରିବାର ଚେଷ୍ଟା ସଫଳ ହୋଇଥିଲା ବର୍ତ୍ତମାନ ସମୟରେ କିନ୍ତୁ ଟ୍ରମ୍ପଙ୍କର ନିଓ କଲୋନିଆଲିଜିମ୍‌ର ପ୍ରୟାସ ତେହେରାନ୍‌ରେ ବିଫଳ ହେବାର ସମ୍ଭାବନା ଅଧିକ । ଓ୍ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି । ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ଓ୍ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି । ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ । ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ୍ । ଏବେ କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଷାଠିଏ ଦିନ ସମୟସୀମାକୁ କମାଇ ଗୋଟିଏ ଦିନ କରିବା ପାଇଁ ଜୋର୍ ଦିଆଯାଉଛି । ଟ୍ରମ୍ପଙ୍କର ଏହା ହେଉଛି ଏକ ମାରାତ୍ମକ ପ୍ରବାସୀ ନାଗରିକ ବିରୋଧୀ ଯୋଜନା । ଟ୍ରମ୍ପଙ୍କର ପ୍ରବାସୀ ନୀତି ପ୍ରକୃତ ପକ୍ଷରେ ଭବିଷ୍ୟତରେ ଆମେରିକାକୁ ହିଁ କ୍ଷତି ପହଂଚାଇବ । ଯୁକ୍ତରାଷ୍ଟ୍ରର ଶକ୍ତି ଏହାର ପ୍ରବାସୀ ନାଗରିକ । ଯୁକ୍ତରାଷ୍ଟ୍ରର ସମ୍ପଦ, ବିବିଧ ଇତିହାସ ଓ ବୈଜ୍ଞାନିକ ଗବେଷଣାରେ ସେମାନଙ୍କର ଅବଦାନ ଅତୁଳନୀୟ । ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ନଷ୍ଟ କରିଦେବା ପାଇଁ ବର୍ତ୍ତମାନ ଉଦ୍ୟମରତ ଅଛନ୍ତି ।

ବିଶ୍ୱର ଶ୍ରେଷ୍ଠତମ ଧନୀ 'ଏଲୋନ୍ ମସ୍କ' ଜଣେ ଦକ୍ଷିଣ ଆଫ୍ରିକୀୟ ପ୍ରବାସୀ । ଅଗ୍ରଣୀ ଏ.ଆଇ. ଫାର୍ମ 'ଆନ୍‌ଥ୍ରୋପିକ୍'ର ପ୍ରତିଷ୍ଠାତା "ଡାରିଓ ଆମୋଦେଇ"ଙ୍କର ପିତା ଜଣେ ଇଟାଲୀୟ ଚମଡ଼ା ଶିଳ୍ପୀ, ଯିଏ ୧୯୭୦ ରେ ଟସ୍କାନରୁ ଆମେରିକା ଆସିଥିଲେ । ଗୁଗୁଲ୍‌ର ସହପ୍ରତିଷ୍ଠାତା ସର୍ଜିବ୍ରିନ୍ ଓ ଏନଭିଡିଆର ପ୍ରତିଷ୍ଠାତା "ଜେନ୍‌ସେନ୍ ହୁଆଙ୍ଗ" ମଧ୍ୟ ଯଥାକ୍ରମେ ଋଷିଆ ଓ ତାଇୱାନର ଜଣେ ଜଣେ ପ୍ରବାସୀ ଅଟନ୍ତି । ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଯଥାକ୍ରମେ ନୋବେଲ୍ ପୁରସ୍କାର ପାଇଥିବା ଦୁଇ ବୈଜ୍ଞାନିକ ସ୍ୱର୍ଗତଃ ହରଗୋବିନ୍ଦ ଖୁରାନା ଓ ଭେଙ୍କଟରମନ୍ ରାମକ୍ରିଷ୍ଣନ୍ ଭାରତର ମୂଳ ବାସିନ୍ଦା ଥିଲେ । କଥିତ ଅଛି ଯେ ୧୯୪୯ ମସିହାରେ ହରଗୋବିନ୍ଦ ଖୁରାନା ଦିଲ୍ଲୀରେ କୌଣସି କର୍ମନିଯୁକ୍ତି ପାଇ ନ ପାରି ଆମେରିକା ଯାଇଥିଲେ ଓ ସେଠାରେ ଗବେଷଣା କରି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ପାଇଥିଲେ । "ନ୍ୟାସନାଲ ଫାଉଣ୍ଡେସନ୍ ଫର୍ ଆମେରିକାନ୍ ପଲିସି" ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଯୁକ୍ତରାଷ୍ଟ୍ରକୁ ପ୍ରବାସୀ ନାଗରିକଙ୍କର ଆଗମନ ହାର କମିଲେ, ଏହାର ଶ୍ରମଶକ୍ତି ମଧ୍ୟ ହ୍ରାସ ପାଇବ । ରିପୋର୍ଟ ଦର୍ଶାଇଛି ଯେ ଏହାଦ୍ୱାରା ୨୦୨୮ ସୁଦ୍ଧା ଉଣେଇଶି ମିଲିୟନ୍ ଶ୍ରମିକ ବର୍ଷ (Worker Years) ଓ ୨୦୩୫ ସୁଦ୍ଧା ଏକଶହ ଦୁଇ ମିଲିଅନ୍ ଶ୍ରମିକ ବର୍ଷର ସମ୍ଭାବ୍ୟ କ୍ଷୟ ଘଟିବ । ଶ୍ରମିକ ବର୍ଷରେ ହ୍ରାସ ଘଟିଲେ ଆମେରିକାର ଆର୍ଥିକ କ୍ଷତି ମଧ୍ୟ ଘଟିବ ଯାହାକି ହେଉଛି ୨୦୨୮ ସୁଦ୍ଧା ପାଖାପାଖି ୧.୯ ଟ୍ରିଲିଅନ୍ ଡଲାର ଓ ୨୦୩୫ ସୁଦ୍ଧା ପ୍ରାୟ ୧୨.୧ ଟ୍ରିଲିଅନ୍ ଡଲାର । ପ୍ରତି ବ୍ୟକ୍ତି ପିଛା ଏହି ଆର୍ଥିକ କ୍ଷତିର ପରିମାଣ ହେବ ୩୪,୩୬୯ ଡଲାର । ଏହାଦ୍ୱାରା ଯୁକ୍ତରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି କମିବ ଓ ଋଣଭାର ବଢ଼ିବ । ଯଦି ଟ୍ରମ୍ପଙ୍କର ପ୍ରବାସୀ ନାଗରିକ ନୀତିକୁ ଆଗାମୀ ଭବିଷ୍ୟତରେ ସମ୍ପୂର୍ଣ୍ଣ ଭାବରେ ନ ବଦଳାଯାଏ ତେବେ ଆମେରିକା ସମଗ୍ର ପୃଥିବୀର ପ୍ରତିଭାବାନ ଲୋକମାନଙ୍କର ଇପ୍ସିତ ଦେଶ ହୋଇ ଆଉ ରହିବ ନାହିଁ । ଏହାଦ୍ୱାରା ଆମେରିକା ହିଁ ଦିନେ ନା ଦିନେ ପଶ୍ଚାତାପ କରିବ । ପ୍ରବାସୀ ନାଗରିକ ମାନେ ହିଁ ଆମେରିକାକୁ ଏକ ଯୁବବର୍ଗର ଦେଶରେ ପରିଣତ କରିଛନ୍ତି ଯାହାର ହାରାହାରି ବୟସ ହେଉଛି ଅଣଚାଳିଶ ବର୍ଷ । ଏହା ତୁଳନାରେ ଜାପାନରେ ଏହା ହେଉଛି ପଚାଶ ବର୍ଷ ଓ ଜର୍ମାନୀରେ ସତଚାଳିଶ ବର୍ଷ । ଟ୍ରମ୍ପ ସେହି ଦେଶର ମୂଳଭୂତ ଆଧାରକୁ ହିଁ ନଷ୍ଟ କରିବାରେ ଲାଗିଛନ୍ତି, ଯେଉଁଠି ତାଙ୍କ ମା' ମ୍ୟାରୀ ମ୍ୟାକ୍‌ଲିଅଡ୍ ନିଜେ ହିଁ ସ୍କଟଲ୍ୟାଣ୍ଡର ଜଣେ ପ୍ରବାସୀ । ଭାରତ ସନ୍ଦର୍ଭରେ ଦେଖିଲେ ଏହା ଅଶୋଧିତ ତୈଳ ପାଇଁ ପଶ୍ଚିମ ଏସିଆ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ । ଫେବୃୟାରୀ ଅଠେଇଶିରେ ଆମେରିକା-ଇରାନ୍-ଇସ୍ରାଏଲ ଯୁଦ୍ଧ ହେତୁ ତୈଳ ଦର ପ୍ରାୟ ଦୁଇଗୁଣା ହୋଇ ଯାଇଥିଲା ଓ ଏବେ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏହା କ୍ରମାଗତ ଭାବରେ ବଢୁଛି । ଯଦି ନିର୍ବାଚନରେ ରିପବ୍ଲିକାନ ମାନେ ସଂଖ୍ୟା ଗରିଷ୍ଠତା ପାଆନ୍ତି, ତେବେ ମଧ୍ୟପ୍ରାଚ୍ୟ ସଂଗ୍ରାମ ଆହୁରି ଭୟଙ୍କର ଓ ବ୍ୟାପକ ହୋଇପାରେ ମାତ୍ର ଯଦି ଡେମୋକ୍ରାଟ୍ ମାନେ ଜିତନ୍ତି ତେବେ ସେମାନେ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଉପରୋକ୍ତ ସମସ୍ୟାର ଏକ କୂଟନୈତିକ ସମାଧାନ ଦିଗରେ ଉଦ୍ୟମ ରତ ହେବେ ବୋଲି ସମଗ୍ର ବିଶ୍ୱ ଆଶା କରୁଛି । ଯୁକ୍ତରାଷ୍ଟ୍ରର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମ୍ପର୍କରେ ଏକ ଐତିହାସିକ ତଥ୍ୟ ହେଉଛି, ଯେ ଏଥିରେ ସର୍ବଦା କ୍ଷମତାସୀନ ରାଷ୍ଟ୍ରପତିଙ୍କ ଦଳ ପରାଜିତ ହୋଇଥାଏ ।

ସେପ୍ଟେମ୍ବର ୧୫ ରେ ନ୍ୟୁୟର୍କ ଟାଇମ୍‌ସ ଦ୍ୱାରା ଆୟୋଜିତ ଏକଜିଟ୍ ପୋଲ୍ ଡେମୋକ୍ରାଟ୍ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଅନୁମାନ କରିଛି ।

ବିଶ୍ୱ ବାଣିଜ୍ୟ ଓ ବିଶ୍ୱଶାନ୍ତି ପାଇଁ ଆଗାମୀ ଦିନରେ ଏହି ନିର୍ବାଚନ ଯେ ଅତିମାତ୍ରାରେ ମହତ୍ୱପୂର୍ଣ୍ଣ, ତାହା ଆମେ କହିପାରିବା ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୬

ପୁରୀ ଧାମର ତାତ୍ପର୍ଯ୍ୟ

॥ ଅନୀତା ପଟ୍ଟନାୟକ ॥

ଥରେ ଚାରି ଜଣବନ୍ଧୁ ବହୁତ ଦିନ ପରେ ଏକାଠି ହୋଇ ପୁରୀ ଯାତ୍ରା କଲେ । ପ୍ରଥମ ବନ୍ଧୁର ନାମ ପ୍ରଥମ ଅକ୍ଷର ଥିଲା ପି ତାଙ୍କୁ ସମସ୍ତେ ପାଓ୍ୱାର ବା ଶକ୍ତି ବୋଲି ଡାକୁଥିଲେ । ସେହିପରି ଦ୍ୱିତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ଥିଲା ପି । ତାଙ୍କୁ ସମସ୍ତେ ପ୍ରୁଫ ବା ସମ୍ପଦ ବୋଲି ଡାକୁଥିଲେ । ସେହିପରି ତୃତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ଥିଲା ପି । ତାଙ୍କୁ ସମସ୍ତେ ପ୍ରେଷ୍ଟିଜ ବା ସମ୍ମାନ ବୋଲି ଡାକୁଥିଲେ । ସେହିପରି ଚତୁର୍ଥ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ପି ଥିଲା । ତାଙ୍କୁ ସମସ୍ତେ ପୋଜିସନ ବା ପଦବୀ ବୋଲି ଡାକୁଥିଲେ । ପ୍ରତ୍ୟେକଙ୍କର ନାମ ପିରେ ଆରମ୍ଭ ହୋଇଥିବାରୁ ଚାରି ଜଣଙ୍କର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା ଥିଲା ।

ପ୍ରଥମ ପି ବା ଶକ୍ତି କହିଲା ମତେ ପୁରୀ ଯିବାକୁ ଭଲ ଲାଗେ । କାରଣ ଭଗବାନ ପ୍ରଭୁ ଜଗନ୍ନାଥ ଡେିକବାଳରେ ଥିବା ଡେିକସମ । ଦ୍ୱିତୀୟ ପି କହିଲା ମତେ ବି ଲାଗେ ମୋର ପ୍ରଭୁ ଜଗନ୍ନାଥ ଦୁଗ୍ଧରେ ଘୃତ ସମ । ତୃତୀୟ ପି ପ୍ରେଷ୍ଟିଜ କହିଲା ମୋର ପ୍ରଭୁ ଜଗନ୍ନାଥ ପୁଷ୍ପରେ ଥିବା ସୁବାସ ସମ ଓ ଫଳ ମଧ୍ୟରେ ମିଠାରସ ସଦୃଶ । ଏଥର ଚତୁର୍ଥ ପି ବା ପୋଜିସନ କହିଲା ମୋର ପ୍ରଭୁ ଜଗନ୍ନାଥ କାଠ ମଧ୍ୟରେ ଅଗ୍ନି ସଦୃଶ ଓ ଜଗତରେ ପରିବ୍ୟାପ୍ତ । ସୃଷ୍ଟି ହିଁ ଜଗନ୍ନାଥଙ୍କର ଅଭିବ୍ୟକ୍ତି । ତେଣୁ ସେ ହିଁ ପ୍ରକୃତି ଓ ଆମେ ତାଙ୍କର ଉତରାଧିକାରୀ । ସେହି ଚାରି ଜଣ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଆଉ ଛଅ ଜଣ ଦାର୍ଶନିକ ସହ ସେମାନଙ୍କ ବନ୍ଧୁତା ହେଲା । ସେ ଛଅ ଜଣ ମଧ୍ୟ ପୁରୀ ଯାତ୍ରା କରୁଥିଲେ । ପ୍ରଥମ ପି (ପାଓ୍ୱାର) କହିଲା ବନ୍ଧୁମାନେ ଆମେ ସମସ୍ତେ ପୁରୀ ଯାଉଛେ କିନ୍ତୁ ମୋ ମତରେ ପୁରୀର ପ୍ରକୃତ ଅର୍ଥ ହେଉଛି ପି - ପିୟୁରିଟି ଯାହା ପବିତ୍ରାର ଚିହ୍ନ । ୟୁ - ୟୁନିଟ ବା ଏକତ୍ୱ ବୋଧ, ଆର - ରିଲିଜିଅସ୍ ବା ଧାର୍ମିକ ଚିହ୍ନ, ଆଇ - ଇଂଟରଗିଟି ବା ସଂହତିର ଚିହ୍ନ । ତେଣୁ ମୋ ମତରେ ପୁରୀ ହେଉଛି ପବିତ୍ରତା, ଏକତ୍ୱବୋଧ, ଧାର୍ମିକ ଓ ସଂହତିର ଚିହ୍ନ । ଦ୍ୱିତୀୟ ପି (ପ୍ରୁଫ) କହିଲା ମୋ ପାଇଁ ପୁରୀ ହେଉଛି - ପି- ପ୍ରେସିୟସ ବା ମୂଲ୍ୟବାନ, ୟୁ - ୟୁନିକ ବା ଅଦ୍ୱିତୀୟ, ଆର - ରେସପକ୍‌ଫୁଲ ବା ସମ୍ମାନନୀୟ, ଆଇ - ଇନସ୍ପାଇରିଙ୍ଗ ବା ଉସାହଜନ । ତେଣୁ ପୁରୀ ମୋ ପାଇଁ ମୂଲ୍ୟବାନ, ଅଦ୍ୱିତୀୟ, ସମ୍ମାନୀୟ ଓ ଉସାହଜନ । ତୃତୀୟ ବନ୍ଧୁ ପି ବା ପ୍ରେଷ୍ଟିଜ କହିଲା ପୁରୀ ମୋ ପାଇଁ - ପି - ପ୍ରେୟାର ବା ପ୍ରାର୍ଥନା, ୟୁ - ଅଲଟିମେଟ ବା କଳ୍ପନାର ସର୍ବୋତମ, ଆର - ରେଭରେନ୍ସ ବା ଭକ୍ତି ଶ୍ରଦ୍ଧା, ଆଇ - ଇନୋଭେଟିଭି ବା ନୂତନ । ତେଣୁ ପୁରୀ ମୋ ପାଇଁ ପ୍ରାର୍ଥନା, କଳ୍ପନାର ସର୍ବୋତମ, ଭକ୍ତି ଶ୍ରଦ୍ଧା ଓ ନୂତନ । ଚତୁର୍ଥ ପି (ପୋଜିସନ) କହିଲା - ପୁରୀ ମୋ ପାଇଁ - ପି - ପ୍ରୋଟେକ୍ଟର ବା ରକ୍ଷାକାରୀ, ୟୁ - ଅନଲିମିଟେଡ ବା ଅସୀମ, ଆର - ରିଓ୍ୱାଡ଼ିଂ ବା ପ୍ରଦାନକାରୀ, ଆଇ - ଇଲିଷ୍ଟୋରିଅସ୍ ବା ଯଶସ୍ୱୀ । ତେଣୁ ପୁରୀ ମୋ ପାଇଁ ରକ୍ଷାକାରୀ, ଅସୀମ, ଉତମ ଫଳ ପ୍ରଦାନକାରୀ ଓ ଯଶସ୍ୱୀ । ଏହି ପରି କଥୋପକଥନ ଚାଲୁଥିବା ବେଳେ ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଏକ ଧକ୍କା ଅନୁଭବ କଲେ । ପୁରୀ ରେଳ ଷ୍ଟେସନ ଆସିଯାଇଥିଲା । ଜଗନ୍ନାଥଙ୍କ ଦର୍ଶନ ପାଇଁ ବିଭୋର ହୋଇ ସେମାନେ ଓହ୍ଲାଇ ପଡ଼ିଲେ । ଓହ୍ଲାଇଯିବା ପୂର୍ବରୁ ଛଅ ଦାର୍ଶନିକ, ଚାରି ପିଙ୍କୁ କହିଲେ ଜଗନ୍ନାଥଙ୍କ କୃପାରୁ ଯଦି ଆପଣମାନଙ୍କ ସହ ଦେଖାହୁଏ ତେବେ ଆମେ ମଧ୍ୟ ପୁରୀ ଶବ୍ଦର ରହସ୍ୟ ଆପଣ ମାନଙ୍କୁ କହିବୁ ।

ବଟ ଗଣେଶ ନିକଟରେ ଯେପରି ଶ୍ରୀଚୈତନ୍ୟ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କର ମିଳନ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ପ୍ରେମରେ ଉଭୟ ବିଭୋର ଥିଲେ । କିନ୍ତୁ ଅଲଗା ଅଲଗା ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ । ସେହିପରି ଏହି ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଟ୍ରେନରେ ମିତ୍ରତା ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରେମରେ, ସମୟର କାଳଚକ୍ରରେ, ଅଲଗା ହୋଇଥିଲେ ଦାର୍ଶନିକଙ୍କର ପୁରୀ ସମ୍ବନ୍ଧରେ ସେମାନଙ୍କର ଅଭିବ୍ୟକ୍ତ ପରେ ଜାଣିବା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬

ଆଗାମୀ ଭବିଷ୍ୟତ : ଛାତ୍ର ରାଜନୀତି ! !

॥ ବିକ୍ରମ କେଶରୀ ବିଶ୍ୱାଳ ॥

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ଅଧୀନସ୍ଥ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ନିର୍ବାଚନ ପାଇଁ ରାଜ୍ୟର ୩୪୮ ଟି କଲେଜରେ ମୋଟ ୮୩୨୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ପାର୍ଥୀପତ୍ର ଯାଂଚ ପ୍ରକ୍ରିୟା ଶେଷ ହେବାପରେ ଏଥିମଧ୍ୟରୁ ୧୧୫୬ଟି ନାମାଙ୍କନ ଖାରଜ ହୋଇଛି ଫଳରେ ବର୍ତ୍ତମାନ ସୁଦ୍ଧା ୭୧୬୯ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି । ଚଳିତ ବର୍ଷ ରାଜ୍ୟର ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ହେଉଛି । ସେଥିମଧ୍ୟରୁ ୧୩ଟି ବିଶ୍ୱବିଦ୍ୟାଳୟ, ୩୪୮ ଟି କଲେଜ ରହିଛି । ସେହିପରି ୨୦୫ଟି ଅନୁଷ୍ଠାନରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ପ୍ରତିନିଧି ମାନଙ୍କୁ ବଛାଯିବାର ବ୍ୟବସ୍ଥା ରହିଛି । ଆସନ୍ତା ଅକ୍ଟୋବର ୧୫ ତାରିଖ ଦିନ ମତଦାନ ଗ୍ରହଣ କରାଯିବ ଓ ୧୬ ତାରିଖ ଦିନ ବିଜୟୀ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିବେ ।

ବିଜ୍ଞ ଲୋକମାନେ କହିଥାନ୍ତି ଯେ ଛାତ୍ରମାନେ ହିଁ ଦେଶର ଭବିଷ୍ୟତ । ବାଲ୍ୟକାଳ ଠାରୁ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ସେମାନଙ୍କର ଏଇ ଦୀର୍ଘ ରୋମାଞ୍ଚକର ଯାତ୍ରା ହିଁ ଶିକ୍ଷା ଓ ସାଧନାର ସମୟ । ଏଇ ସମୟର ଶୃଙ୍ଖଳା, ଜୀବନଶୈଳୀ ଏବଂ ଲକ୍ଷ୍ୟଭେଦ କରିବାର ସଂକଳ୍ପ ସେମାନଙ୍କର ଭବିଷ୍ୟତକୁ ନିର୍ମାଣ କରିଥାଏ । ପୂର୍ବତନ ରାଷ୍ଟ୍ରପତି ଡ.କଲାମ କହିଥିଲେ ଯେ ଏହି ସମୟରେ ପିତାମାତା ଓ ଶିକ୍ଷକମାନଙ୍କର ଗହଣରେ ସେମାନେ ଦୈନିକ ଦୁଇ ତୃତୀୟାଂଶ ସମୟ ନିର୍ବାହ କରିଥାନ୍ତି । ଏହି ସମୟରେ ସେମାନେ ଯାହା ଦେଖନ୍ତି ଓ ଶିଖନ୍ତି ତାହା ସମଗ୍ର ଜୀବନର ଏକ ଅତୁଲା ଅଂଶ ହୋଇ ରହିଯାଏ । ଅନେକ ପୃଥିବୀ ବିଖ୍ୟାତ ଜ୍ଞାନୀଗୁଣି, ବୈଜ୍ଞାନିକ, ଶିଳ୍ପୀ, ଲେଖକଙ୍କ ଜୀବନ ଏହି ସମୟରୁ ହିଁ ଗଠିତ ହୋଇଥାଏ । ସ୍ୱାଧୀନତାର ଅର୍ଥ ହେଉଛି ନିଜକୁ ନିଜେ ନିୟନ୍ତ୍ରଣ କରିବା । କୈଶୋର ପରେ ଆଦ୍ୟ ଯୌବନଠାରୁ ପ୍ରାୟ ଦଶବର୍ଷ କାଳ ଛାତ୍ରମାନେ ନିଜର ଭବିଷ୍ୟତ ଜୀବନକୁ ଗଠନ କରିବା ପାଇଁ ଅଧ୍ୟବସାୟ କରିଥାନ୍ତି । ଅଠର ବର୍ଷରୁ ସେମାନେ ସାବାଳକ ହୁଅନ୍ତି ଏବଂ ସେତେବେଳକୁ ସେମାନେ ଉଚ୍ଚ ମହାବିଦ୍ୟାଳୟର ଛାତ୍ର ହୋଇଯାଇଥାନ୍ତି । ଗତ କିଛି ବର୍ଷ ହେଲା ଛାତ୍ରମାନଙ୍କୁ ଭବିଷ୍ୟତ ନାଗରିକ ଭାବେ ଗଢ଼ିବା ପାଇଁ ସେମାନଙ୍କୁ ବିଭିନ୍ନ ସୁଯୋଗ ଦିଆଯାଇଥାଏ । ସେଥିମଧ୍ୟରୁ ଗୋଟିଏ ବଡ଼ ସୁଯୋଗ ହେଉଛି ଯେ ଛାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା । ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ନାମଲେଖା ପର୍ବ ଅଗଷ୍ଟ ସୁଦ୍ଧା ଶେଷ ହୋଇଯାଇଥାଏ । ଏହାପରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ନୂତନ ଶିହରଣ ଓ ଉତରଣର ଭାବନା ସୃଷ୍ଟି ହୁଏ । ସେମାନେ ସାବାଳକ ହୋଇଥିବାରୁ, ସାବାଳକର କର୍ତବ୍ୟ ଓ ଦାୟିତ୍ୱ ଜାଣିବା ସହିତ ଅଧିକାର ସାବ୍ୟସ୍ତ କରିବା ଦିଗରେ ସେତିକି ସଚେତନ ହୁଅନ୍ତି । ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଏ ସମୟରୁ ବିଭିନ୍ନ ଦଳର ରାଜନୈତିକ ନେତାମାନେ ଉଦ୍ୟମ କରିଥାନ୍ତି । ସାବାଳକମାନଙ୍କୁ ନିର୍ବାଚନରେ ଭୋଟ ଦେବା ପାଇଁ ଅଧିକାର ମିଳିବା ପରେ ସେମାନଙ୍କୁ ପ୍ରଭାବିତ ଓ ନିୟନ୍ତ୍ରିତ କରିବା ପାଇଁ ନେତାମାନେ ବହୁ ପ୍ରଲୋଭନ ଦେଖାଇଥାନ୍ତି । କେତେକ କ୍ଷେତ୍ରରେ ସେମାନଙ୍କୁ ଫୁର୍ତ୍ତି କରିବା ପାଇଁ ଅର୍ଥ ଓ ସୁଯୋଗ ଯୋଗାଇ ଦିଅନ୍ତି । ଏଇ ସମୟରୁ ସେମାନଙ୍କ ପାଦ ଖସିବା ସମୟ ଆରମ୍ଭ ହୁଏ ।

ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ହେଉଥିବା ଛାତ୍ର ନିର୍ବାଚନରେ ଯେଉଁ ଛାତ୍ରମାନେ ଜିତିବେ ସେମାନଙ୍କୁ ଦଳର ଭବିଷ୍ୟତ ନେତା କରିବା ପାଇଁ ସୁଯୋଗ ମିଳିବ ଏଇ ଧାରଣା ନେଇ ନେତାମାନେ ଛାତ୍ର ନେତାମାନଙ୍କୁ ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟୀ ହେବାପାଇଁ ଶିକ୍ଷା ଦିଅନ୍ତି । ଏଥିପାଇଁ ରାଜନେତାମାନେ ଅର୍ଥ ଯୋଗାଇ ଦିଅନ୍ତି ଏବଂ ଏଇ ମିଳାମିଶାରୁ ଅନେକ ଶୃଙ୍ଖଳା ଭାଙ୍ଗି ବିପଥଗାମୀ ହେବାର ଉଲ୍ଲାସରେ ମାତିଥାଆନ୍ତି । ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ନିର୍ବାହ କରିବା ପାଇଁ ଅଧ୍ୟକ୍ଷ ଓ ଅଧ୍ୟାପକମାନେ ପ୍ରବର୍ତାଇଥିଲେ ମଧ୍ୟ ଏବର୍ଷ ଅନେକ ବର୍ଷ ପରେ ରାଜ୍ୟର ପ୍ରମୁଖ କଲେଜମାନଙ୍କରେ ନେତା ହେବା ପାଇଁ ପ୍ରତିଯୋଗିତା ଲାଗିଛି । କେତେକ କ୍ଷେତ୍ରରେ ଦେଖାଯାଏ ସାମାଜିକ ଜୀବନ ବା ରାଜନୀତିର ପ୍ରତିଷ୍ଠା ଅର୍ଜନ କରିଥିବା ନେତାମାନେ ଛାତ୍ରମାନଙ୍କୁ ରଙ୍ଗବାଟ ଦେଖାଇବା ନାମରେ ଭୁଲ ବାଟରେ ନେଉଥିବାରୁ ଛାତ୍ର ନିର୍ବାଚନରେ ଶାନ୍ତି ଓ ଶୃଙ୍ଖଳା ଭଙ୍ଗ ହେଉଛି । ଅଭିଯୋଗ ଉଠେ ଛାତ୍ର ନିର୍ବାଚନ ସମୟରେ ପ୍ରଚାର ପ୍ରସାର ନାମରେ ସାଧାରଣ ନିର୍ବାଚନ ପରି ପ୍ରାର୍ଥୀମାନେ ଅନେକ ଅର୍ଥ ବ୍ୟୟ କରିଥାନ୍ତି । ଏ ଅର୍ଥ ତାଙ୍କ ପରିବାରୁ ଆସେ ନାହିଁ । ସେମାନଙ୍କୁ ଆୟତରେ ରଖିବା ପାଇଁ ରାଜନେତାମାନେ ହିଁ ଆବଶ୍ୟକ ଅର୍ଥ ଦେଉଥାନ୍ତି ବୋଲି ଚର୍ଚ୍ଚା ଉଠେ । ନୂତନ କଲେଜ ଜୀବନ ଆରମ୍ଭ କରୁଥିବା ତରୁଣମାନେ ନିଜର ବୌଦ୍ଧିକ ଜୀବନକୁ ସୁନିୟନ୍ତ୍ରିତ କରିବା ପାଇଁ ସୁଯୋଗ ଥିଲାବେଳେ ସେମାନଙ୍କୁ ବାଟବଣା କରିବାରେ ଅନେକ ରାଜନେତାମାନେ ସାହାଯ୍ୟ କରନ୍ତି । ନେତାମାନେ ନିଜ ନିଜ ଦଳକୁ ଶକ୍ତିଶାଳୀ କରିବା ପାଇଁ ଛାତ୍ରମାନଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତି । ଭାରତବର୍ଷର ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ହେଉଥିବାବେଳେ ଓଡ଼ିଶାରେ ଛାତ୍ର ରାଜନୀତି ମଧ୍ୟ ଶୃଙ୍ଖଳିତ ହେବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଓଡ଼ିଶାର ଛାତ୍ର ରାଜନୀତିକୁ ଦେଖିଲେ ଆଜିର ସମୟରେ ବେଶ ପ୍ରତିଷ୍ଠିତ ହୋଇଥିବା ରାଜନେତାମାନେ ଦିନେ ଏହି ଛାତ୍ର ରାଜନୀତିରୁ ହିଁ ସେମାନଙ୍କର ରାଜନୈତିକ ପୃଷ୍ଠଭୂମି ଆରମ୍ଭ କରିଥିଲେ । ବୌଦ୍ଧିକ ଉତ୍କର୍ଷ ପାଇଁ ଅଧ୍ୟୟନ ଓ ଅଧ୍ୟବସାୟ ନକରି ଏବଂ ସମାଜ ସଂଗଠନ କାର୍ଯ୍ୟରେ ଶକ୍ତି ବିନିଯୋଗ ନକରି ଆଦ୍ୟ ଯୌବନରୁ ନିୟନ୍ତ୍ରଣ ଭାଙ୍ଗିବ ଦ୍ୱାରା ପଙ୍କରେ ପଡ଼ିଯାଉଛି ଏହା ଦୁର୍ଭାଗ୍ୟର ବିଷୟ । ଏ ଧାରା ତୁରନ୍ତ ବନ୍ଦ ହେବା ଉଚିତ ବୋଲି କେତେକ ବର୍ଗ ମତ ଦେଉଥିବାବେଳେ ଛାତ୍ର ରାଜନୀତି ଦ୍ୱାରା ଜଣଙ୍କର ଅସଲ ରାଜନୈତିକ ଦକ୍ଷତାର ପରୀକ୍ଷା ହୋଇଥାଏ ବୋଲି ମତ ଦିଅନ୍ତି । ତେବେ ଯାହାହେଉନା କାହିଁକି ଛାତ୍ରମାନେ ରାଜନୀତି ସହ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ସମାଜ ପ୍ରତି, ଦେଶ ପ୍ରତି ନିଜ ଗୁରୁଦାୟିତ୍ୱକୁ ନିର୍ବାହ କରିବା ପାଇଁ ଯେପରି ନ ଭୁଲନ୍ତି ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୭୦୭୬

ସେଇଠୁ
ଆରମ୍ଭ
SEITHO ARAMBHA

ମୋଦୀଜୀଙ୍କ ଜନ୍ମଦିନରେ ସେବା ସଂକଳ୍ପ ଅଭିଯାନ, ସ୍ୱଚ୍ଛତା ସେବା ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା

ବାସୁଦେବପୁର, ୧୨/୧୦ (ଆ.ପ୍ର) : ସେବା ହିଁ ସଂକଳ୍ପ, ସ୍ୱଚ୍ଛତା ହିଁ ସୁସ୍ଥ ସମାଜର ପରିଚୟ! ଏହି ବାର୍ତ୍ତା ନେଇ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିନ ଅବସରରେ ବିଜେପି ପକ୍ଷରୁ ଚାଲିଛି ସେବା ସଂକଳ୍ପ ଅଭିଯାନ । ଏହି ଅଭିଯାନ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ସ୍ଥିତ ବୁଢ଼ା ମହାଦେବ ମନ୍ଦିର ପରିସରରେ ଆୟୋଜିତ ହୋଇଛି ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ । ସେବାରେ ସମର୍ପଣ, ସ୍ୱଚ୍ଛତାରେ ସଚେତନତା! ସମାଜକୁ ସ୍ୱଚ୍ଛ ଓ ସୁନ୍ଦର କରିବାର ବାର୍ତ୍ତା ନେଇ ଆଗେଇ ଆସିଛନ୍ତି ବିଜେପି କର୍ମୀ ଓ ପଦାଧିକାରୀ । ଦୃଶ୍ୟ ହେଉଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗାଁର ବୁଢ଼ା ମହାଦେବ ମନ୍ଦିର ପରିସରର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିନ ଅବସରରେ ପାଳିତ ହେଉଥିବା ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏଠାରେ ଆୟୋଜିତ ହୋଇଥିଲା ସ୍ୱଚ୍ଛତା ସେବା ଅଭିଯାନ । ବେତଦ୍‌ା ମଣ୍ଡଳ ସଭାପତି ଅମରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ମନ୍ଦିର ପରିସରକୁ ସଫାସୁତୁରା ରଖିବା ସହ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସମାଜକୁ ସଚେତନ କରାଇବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅଭିଯାନରେ ତାପସ କୁମାର ପାଣିଗ୍ରାହୀ, ଆଲୋକ ରଞ୍ଜନ ପଣ୍ଡା, ପ୍ରତାପ କୁମାର ପଣ୍ଡା, ତପନ କୁମାର ବେହେରା, ହୃଷୀକେଶ ଜେନା ଓ ଅମିତ ନାୟକଙ୍କ ସମେତ ମଣ୍ଡଳର ବିଭିନ୍ନ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଦସ୍ୟ ଏବଂ ଶକ୍ତିକେନ୍ଦ୍ରର ବୁଥ୍ ସଭାପତିମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ । ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଦୈନନ୍ଦିନ ଜୀବନର ଏକ ଅଭ୍ୟାସ । ନିଜ ପରିବେଶକୁ ସଫା ରଖିବା ସହ ଅନ୍ୟମାନଙ୍କୁ ସଚେତନ କରିବା ଦ୍ୱାରା ହିଁ ଗଢ଼ିଉଠିପାରିବ ଏକ ସୁସ୍ଥ ଓ ସୁନ୍ଦର ସମାଜ । ସେବା, ସମର୍ପଣ ଓ ସ୍ୱଚ୍ଛତାର ଏହି ବାର୍ତ୍ତା ନେଇ ବାସୁଦେବପୁରରେ ଆୟୋଜିତ ହୋଇଥିଲା ଏହି ସେବାମୂଳକ କାର୍ଯ୍ୟକ୍ରମ ।

ଲଏରେୟୁ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେବ

ଜି.ଉଦୟଗିରି, ୧୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକାପଡ଼ି ପଂଚାୟତ ଅନ୍ତର୍ଗତ ଲଏରେୟୁ ଗ୍ରାମବାସୀଙ୍କ ମନରେ ଗାଁକୁ ରାସ୍ତା ନିର୍ମାଣ ହେବା ନେଇ ନୂଆ ଆଶା ଉଜ୍ଜୀବିତ ହୋଇଛି । ଦୀର୍ଘ ବର୍ଷର ରାସ୍ତା ଅଭାବରୁ ଯାତାୟାତ ରେ ଯନ୍ତ୍ରଣା ରେ ଦିନ କାଟୁଥିବା ଗ୍ରାମବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ଗ୍ରାମକୁ ରାସ୍ତା ନିର୍ମାଣ କରାଯିବା ନେଇ କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ଦାସ ନିଜ ଟିମ୍ ସହ ଗ୍ରାମରେ ପହଂଚି ସ୍ଥିତି ପରଖିଛନ୍ତି । ଲଏରେୟୁ ଗ୍ରାମରେ ୬୦ରୁ ଅଧିକ ଲୋକ ବସବାସ କରୁଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ଉପଯୁକ୍ତ ରାସ୍ତା ନଥିବାରୁ ଗ୍ରାମବାସୀଙ୍କୁ ଯାତାୟାତ ଠାରୁ ଆରମ୍ଭ କରି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ନିମନ୍ତେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡୁଛି । ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି ପ୍ରାୟ ୫ କିଲୋମିଟର ଦୂର ମୁଖ୍ୟ ରାସ୍ତାକୁ ଆଣି ସେଠାରୁ ଅଟୋ କିମ୍ବା ଆମ୍ବୁଲାନ୍ସ ରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ । ଏହି ହୃଦୟ ବିଦାରକ ଘଟଣା ଗ୍ରାମର ଦୁର୍ଦ୍ଦିନ ସ୍ଥିତିକୁ ଧରିତ୍ରୀ ଖବର କାଗଜ ସହ ବିଭିନ୍ନ ଗଣମାଧ୍ୟମ ଖବର କାଗଜରେ ଖବର ପ୍ରସାରଣ ପରେ ଲୋକଲୋଚନ କୁ ଆସିବା ସହ ଗ୍ରାମକୁ ରାସ୍ତା ନିର୍ମାଣର ଆବଶ୍ୟକତାକୁ ପୁଣିଥରେ ଜୋରଦାର କରିଥିଲା । ଘଟଣାଟି ସାମ୍ନାକୁ ଆସିବା ପରେ ସୋସିଆଲ୍ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ୍)ର ସଦସ୍ୟମାନେ ଗ୍ରାମରେ ପହଂଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ରାସ୍ତା ସମସ୍ୟା ସହ ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସୁବିଧାର ଅଭାବ ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥିଲେ । ଏହିଏଥିସହ ଅନଲାଇନ୍ ଅଭିଯୋଗ ବ୍ୟବସ୍ଥା ଓ ଏହି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଗ୍ରାମବାସୀଙ୍କ ଜୀବିକାର ମୁଖ୍ୟ ଆଧାର ହେଉଛି କୃଷି । ଗ୍ରାମର ଅଧିକାଂଶ ପରିବାରଙ୍କର ଚାଷଜମି ରହିଥିବା ବେଳେ ଉର୍ବର ମାଟିରେ ଭଲ ଫସଲ ଉତ୍ପାଦନ ହୋଇଥାଏ । ପିଢ଼ି ପରେ ପିଢ଼ି ଧରି ଅନେକ ପରିବାର ଚାଷ ଉପରେ ନିର୍ଭର କରି ଏଠାରେ ଜୀବନଯାପନ କରୁଛନ୍ତି । କିନ୍ତୁ ରାସ୍ତା ଅଭାବରୁ ଉତ୍ପାଦିତ ଫସଲ ପରିବହନ, ବଜାରକୁ ଯିବା ଏବଂ ଦୈନନ୍ଦିନ ଯାତାୟାତରେ ଅନେକ ଅସୁବିଧା ହେଉଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଜରୁରୀ ସମୟରେ ରୋଗୀଙ୍କୁ ହସ୍ପିଟାଲ ନେବା ମଧ୍ୟ ଏକ ବଡ଼ ଆହ୍ୱାନ ପାଲଟିଛି । ଏହି ସମୟରେ ମାଲିକାପଡ଼ି ପଂଚାୟତ ଯୁବକ ସଙ୍ଘ କର୍ମକର୍ତ୍ତାଙ୍କ ସମେତ ଆଖପାଖ ଅଂଚଳର ଅନେକ ଲୋକ ଉପସ୍ଥିତ ଥିଲେ । ସ୍ୱାକ୍‌ର ସଭାପତି ଅମନ ଚନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ମଧ୍ୟ ଉପସ୍ଥିତ ରହି ଗ୍ରାମବାସୀ ମାନ ସହ ରାସ୍ତା ନିର୍ମାଣ କାର୍ଯ୍ୟ ଯେପରି ଶୀଘ୍ର ଆରମ୍ଭ ହେବ ସେନେଇ ଆଲୋଚନା କରିଥିଲେ । ଅନ୍ୟପକ୍ଷରେ, ଗ୍ରାମର ମହିଳାମାନେ ରାସ୍ତା ନିର୍ମାଣ ପାଇଁ ହୋଇଥିବା ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ଦାବି କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଓ ଆର୍ଥିକ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର । ଲଏରେୟୁ ଗ୍ରାମକୁ ରାସ୍ତା ନିର୍ମାଣ ହେଲେ ଗ୍ରାମବାସୀଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟା ଦୂର ହେବା ସହ ଜରୁରୀ ସମୟରେ ଆମ୍ବୁଲାନ୍ସ ପହଂଚିବାର ସୁବିଧା ମିଳିପାରିବ । ଯେଉଁ ଗ୍ରାମରେ ଦିନେ ରୋଗୀଙ୍କୁ ଖଟିଆରେ ବୋହି ହସ୍ପିଟାଲ ନେବାକୁ ପଡୁଥିଲା, ସେଠାରେ ଯଥାଶୀଘ୍ର ରାସ୍ତା ନିର୍ମାଣ ହେଲେ ଲୋକଙ୍କ ଦୁଃଖର ଅନ୍ତ ହେବ ବୋଲି ଗ୍ରାମବାସୀଙ୍କ ଆଶା ।

ଭକ୍ତିମୟ ପରିବେଶରେ ମା' ପାଟଖଣ୍ଡାଙ୍କ ଦୁର୍ଗାପୂଜା ଆରମ୍ଭ
ନବରାତ୍ରର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶରେ ପୂଜା ପାଉଛନ୍ତି ମା'

ବାଲିଗୁଡ଼ା, ୧୨/୧୦ (ଆ.ପ୍ର) : ଶଙ୍ଖଧ୍ୱନି, ଘଂଟଘଂଟାର ନାଦ ଓ ମନ୍ତ୍ରପାଠରେ ମୁଖରିତ ହୋଇଉଠିଛି ବାଲିଗୁଡ଼ା ସହରର ଆଧ୍ୟାତ୍ମିକ ପରିବେଶ । ଶାରଦୀୟ ନବରାତ୍ର ଅବସରରେ ଶ୍ରୀ ଶ୍ରୀ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ରବିବାର ଠାରୁ ମା'ଙ୍କ ଦୁର୍ଗାପୂଜା ମହାଆଡ଼ମ୍ବରରେ ଆରମ୍ଭ ହୋଇଛି । ପାରମ୍ପରିକ ରୀତିନୀତି, ବୈଦିକ ମନ୍ତ୍ରୋଚ୍ଚାରଣ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ପୂଜାର ପ୍ରଥମ ଦିନରୁ ମଣ୍ଡପରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ପୂଜାର ଶୁଭାରମ୍ଭ ଅବସରରେ ମା' ପାଟଖଣ୍ଡା ମନ୍ଦିରରୁ ଶତାଧିକ ମହିଳା ଏକ ବିରାଟ କଳସଯାତ୍ରାରେ ବାହାରି ଖଡ଼ଗ ନଦୀ ଅଭିମୁଖେ ଯାଇଥିଲେ । ସେଠାରୁ ପବିତ୍ର ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ପୂଜାମଣ୍ଡପକୁ ଫେରିଥିଲେ । ଏହି ଧାର୍ମିକ ଶୋଭାଯାତ୍ରା ମଧ୍ୟରେ ଭକ୍ତି ଓ ଆସ୍ଥାର ଏକ ନିଆରା ପରିବେଶ ସୃଷ୍ଟି ହୋଇଥିଲା । ଏହାପରେ ବିଧି ଅନୁଯାୟୀ କଳସ ସ୍ଥାପନ, ମଣ୍ଡଳକରଣ, ଦେବତା ଆବାହନ ଓ ଷୋଡ଼ଶୋପଚାର ପୂଜା ସମ୍ପନ୍ନ ହେବା ସହ ନବରାତ୍ର ପୂଜା ଆରମ୍ଭ ହୋଇଥିଲା । ପ୍ରତ୍ୟହ ସୂର୍ଯ୍ୟପୂଜା, ମା'ଙ୍କ ଷୋଡ଼ଶୋପଚାର ପୂଜା, ଚଣ୍ଡୀପାଠ ଓ ହୋମଯଜ୍ଞ ଆଦି ଧାର୍ମିକ କାର୍ଯ୍ୟ ଅଭିଜ୍ଞ ପୁରୋହିତଙ୍କ ଦ୍ୱାରା ସମ୍ପାଦିତ ହେଉଛି । ଚଳିତ ବର୍ଷ ପୂଜାରେ କର୍ତ୍ତା ଭାବେ ରବୀନ କୁମାର ମିଶ୍ର ଓ ନମିତା ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । ସେହିପରି ପୁରୀ ଶ୍ରୀକ୍ଷେତ୍ର ଧାମରୁ ଆସିଥିବା ହିମାଂଶୁ ଶେଖର ଶତପଥୀ, ଗଞ୍ଜାମ ଜିଲ୍ଲା ଖଟିଆ ରାମଚନ୍ଦ୍ରପୁର ଶାସନର ଚିନ୍ମୟ ଶତପଥୀ ଏବଂ କରପଡ଼ା ଗ୍ରାମର କାହ୍ନୁଚରଣ ପଣ୍ଡା ପୁରୋହିତ ଓ ପୂଜକ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ନବରାତ୍ରର ଦ୍ୱିତୀୟ ଦିନ ସୋମବାର ମା' ଦୁର୍ଗା ବ୍ରହ୍ମଚାରିଣୀ ରୂପରେ ପୂଜା ପାଉଛନ୍ତି । ଏହି ଅବସରରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦିନତମାମ ମଣ୍ଡପରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ନିଜ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ । ନବରାତ୍ରର ପ୍ରତ୍ୟେକ ଦିନ ମା'ଙ୍କ ଭିନ୍ନ ଭିନ୍ନ ସ୍ୱରୂପର ପୂଜା ହେଉଥିବାରୁ ଭକ୍ତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆଧ୍ୟାତ୍ମିକ ଉଦ୍ଦୀପନା ପରିଲକ୍ଷିତ ହେଉଛି । ପୂଜାମଣ୍ଡପରେ ଚାଲିଥିବା ଏହି ଧାର୍ମିକ ଆୟୋଜନ ବାଲିଗୁଡ଼ା ସହରରେ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ମା' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟଙ୍କ ମିଳିତ ସହଯୋଗ ଓ ଉଦ୍ୟମରେ ପୂଜାକାର୍ଯ୍ୟ ସୁଚାରୁରୂପେ ଚାଲୁ ରହିଛି । ଆଗାମୀ ଦିନଗୁଡ଼ିକରେ ମା'ଙ୍କ ବିଭିନ୍ନ ବେଶ, ପୂଜାବିଧି ଓ ଧାର୍ମିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି ।

ନିମ୍ନ ମାନର ପୋଷାକ ଯୋଗାଣ : ଚିଲିକା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ

ଚିଲିକା ବାଣପୁର, ୧୨/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ଶିକ୍ଷା ଅଧିକାରୀ ଅନ୍ତର୍ଗତ ମାନସିଂହପୁର କାଳିଜାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତବର୍ଷ ନିମ୍ନ ମାନର ପୋଷାକ ଦେଇଥିବା ମା ଶକ୍ତିମୟୀ ଉପାଦକ୍ଷ ଗୋଷ୍ଠୀ ପୁଣିଥରେ ଚଳିତ ବର୍ଷ କାଳିଜାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ଦେବାପାଇଁ ଚେଷ୍ଟା କରୁଥିବା ବେଳେ ସ୍କୁଲର ଅଭିଭାବକ ମାନେ ନିମ୍ନ ମାନର ପୋଷାକ ଅଭିଯୋଗ କରି ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ନେଇ ଆସିଥିବା ପିଲାମାନଙ୍କର ପୋଷାକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ବନ୍ଦ କରିଛନ୍ତି । ସେହିଭଳି ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ସ୍କୁଲ ପରିସରରେ ଏକ ବୈଠକ କରି ମା ଶକ୍ତିମୟୀ ଉପାଦକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ବିତରଣ ନ କରିବା ପାଇଁ ଚିଲିକା ଶିକ୍ଷା ଅଧିକାରିଙ୍କୁ ଏକ ଲିଖିତ ଅଭିଯୋଗ କରି ଜଣାଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ନିଜର ମେସିନ୍ ନ ରଖି ସିଲେଇ ନ କରି ବାହାର ଭେଣ୍ଡର ଠାରୁ ଅତି ନିମ୍ନ ମାନର ପୋଷାକ ଆଣି ସ୍କୁଲର ଛାତ୍ରଛାତ୍ରୀଙ୍କୁ ବାଂଟିବା ପାଇଁ ଜବରଦସ୍ତ ଉଦ୍ୟମ କରୁଛନ୍ତି । ବହୁ ଚାଲାକ ଚତୁରତାର ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଗତବର୍ଷ ଅତି ନିମ୍ନ ମାନର ପୋଷାକ ଦେଇ ସ୍କୁଲକୁ ଆସିଥିବା ସମସ୍ତ ଟଙ୍କା ମିଥ୍ୟା ରସିଦ କରି ଉଠାଇ ନେଇଥିବା ବେଳେ ଚଳିତ ବର୍ଷ ମଧ୍ୟ ସେହିଭଳି ହୀନ ଉଦ୍ୟମ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ତୁରନ୍ତ ଏ ସମ୍ପର୍କରେ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ଚୋରି ଇଲୋକ୍ଟ୍ରୋନିକ୍ ଲାଇଟ୍ ଜବତ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଯାଜପୁର, ୧୨/୧୦ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ଜହଳ ଘାଟ (ହାସିନ୍ ପୁର) ରେ ଥିବା ମା ଚଣ୍ଡୀ ଟେଂଟ ହାଉସ ର ଏକ ଭଡ଼ାଘରେ ରହୁଥିବା କ୍ରମାଗତ ଭାବରେ ୪ ଥର ରେ ପ୍ରାୟ ୬ଲକ୍ଷ ଟଙ୍କାର ଇଲୋକ୍ଟ୍ରନିକ୍ ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏସଂପର୍କରେ ଟେଂଟ ହାଉସର ମାଲିକ ନିରଞ୍ଜନ ବଳେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସଦର ଥାନା ପକ୍ଷରୁ କେଶ୍ ନମ୍ବର୍ ୩୦୦/୨୬ ରେ ଏକ ଚୋରି ମାମଲା ରୁଜୁ କରି ଥାନା ଅଧିକାରୀଣୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶରେ ଏସ୍ ଆଇ ଲିଙ୍ଗରାଜ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଭଣ୍ଡାରି ପୋଖରୀ ଥାନା ଅନ୍ତର୍ଗତ କୁମ୍ଭାରିଆ ଗ୍ରାମର ବିପିନ ମଲିକଙ୍କ ପୁତ୍ର ରାଜ କିଶୋର ମଲିକ ଓରଫ୍ ରାଜା (୨୫) ଓ କୁଆଖିଆ ଥାନା ଅନ୍ତର୍ଗତ ମହମ୍ମଦ ପୁର ଗ୍ରାମର ରବୀନ୍ଦ୍ର ମହାକୁଡଙ୍କ ପୁତ୍ର ମେଘନାଦ ମହାକୁଡ ଓରଫ ପାପ୍ପୁଲୁ (୨୫)କୁ ଗିରଫ କରାଯାଇଛି । ଚୋରି ସାମଗ୍ରୀକୁ ବିଭିନ୍ନ ସ୍ଥାନରେ ବିକ୍ରିୟ କରାଯାଇଥିଲା । ଚୋରି ହୋଇଥିବା ୧୨ ଗୋଟି ସାର୍ପି ଲାଇଟ୍, ଏମ୍ ଆଇ ବାର୍ - ୧, ବ୍ରାଉଣର - ୧, ଲାଇଅନ ସ୍ପିକର୍- ୨, ଏଚ ଏସ୍ -୧ ଗୋଟି ଚୋରି ସାମଗ୍ରୀ କ୍ରୟ କରିଥିବା ବ୍ୟକ୍ତିଙ୍କ ଠାରୁ ଜବତ ହୋଇଥିବା ଜଣାପଡିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ପୋଲିସ ସୂତ୍ରରୁ ପ୍ରକାଶ ।

ବେଲକ୍ଷେତ୍ର, ଖୋରଡରେ ଶ୍ରୀ ଜଗନ୍ନାଥ ମନ୍ଦିରର ଭିତିପ୍ରସ୍ତର ସ୍ଥାପ ନକଲେ ବିଧାୟକ

ତିହସାହି, ୧୨/୧୦ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅଧୀନସ୍ଥ କାଦୁଅପଡା ଗ୍ରାମପଂଚାୟତ ଅନ୍ତର୍ଗତ ବେଲକ୍ଷେତ୍ର, ଖୋରଡ ଠାରେ ନୂତନ ଶ୍ରୀ ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମଠଧୀଶ ଚିନ୍ତାମଣି ପର୍ବତ ଗୋସ୍ୱାମୀଙ୍କ ଉପସ୍ଥିତିରେ ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ପାରମ୍ପରିକ ରୀତିରେ ମନ୍ଦିରର ଶିଳାନ୍ୟାସ କରିଥିଲେ । ଅଂଚଳର ଏହି ଦୀର୍ଘ ପ୍ରତିକ୍ଷିତ କାର୍ଯ୍ୟକୁ ବହୁ ଜଗନ୍ନାଥ ପ୍ରେମୀ ଉପଭୋଗ କରିଥିଲେ । ପୂଜାର୍ଚ୍ଚନାର ରୀତିନୀତି ଅନୁସାରେ ଆବାହକ ତଥା ଶ୍ରୀ ଜଗନ୍ନାଥ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଅଶୋକ କୁମାର ମୁଦୁଲି ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟରେ ଜଗନ୍ନାଥ ପ୍ରେମୀ ମାନସ ଦାସ, ପ୍ରେମାନନ୍ଦ ଦାସ, ବିଷ୍ଣୁ ଚରଣ ନାୟକ, ଲୋକନାଥ ମହାନ୍ତି, ପ୍ରଭଞ୍ଜନ ଦାସ, ସୁଶାନ୍ତ ମଲ୍ଲିକ ଉପେନ୍ଦ୍ର ସାହୁ ଓ କିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସମସ୍ତ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

ବଣାଇଁର ଆରାଧ ଦେବୀ 'ମା' କନ୍ତେଶ୍ୱରୀ ମା'ଙ୍କ ନଗର ପରିଭ୍ରମଣ ଆରମ୍ଭ

ବଣାଇଁ, ୧୨/୧୦ (ଆ.ପ୍ର) : ବର୍ଷକର ଅପେକ୍ଷାର ଅନ୍ତ ଘଟିଛି । ଭକ୍ତଙ୍କ ଆକୁଳ ନିବେଦନ, ମାନସିକ ଓ ଦୀର୍ଘ ପ୍ରତୀକ୍ଷା ପରେ ପାହାଡ଼ ଗୁମ୍ଫାରୁ ଧରାପୃଷ୍ଠକୁ ଅବତରଣ କରିଛନ୍ତି ଜଗତଜନନୀ ମା' କନ୍ତେଶ୍ୱରୀ । ମା'ଙ୍କ ଆଗମନରେ ଭକ୍ତି ଓ ଆଧ୍ୟାତ୍ମିକତାରେ ମୁଖରିତ ହୋଇଉଠିଛି ସମଗ୍ର ବଣାଇ ଅଂଚଳ । ଲହୁଣୀପଡ଼ା ବ୍ଲକର ଶାନ୍ତ, ସୁନ୍ଦର ଓ ପବିତ୍ର ଗ୍ରାମ ସାନଜଳରୁ ସୋମବାର ଆରମ୍ଭ ହୋଇଛି ବଣାଇ ଅଂଚଳର ଆରାଧ୍ୟା ଦେବୀ ମା' କନ୍ତେଶ୍ୱରୀଙ୍କ ବାର୍ଷିକ ୧୬ ଦିନିଆ ପରିଭ୍ରମଣ ଯାତ୍ରା । ବର୍ଷକୁ ମାତ୍ର ଥରେ ମା'ଙ୍କ ଦର୍ଶନ ପାଇବାର ସୁଯୋଗ ମିଳୁଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଛି । ନିଜ ଆରାଧ୍ୟା ଦେବୀଙ୍କୁ ଗାଁ ଗଣ୍ଡା, ଦାଣ୍ଡଦୁଆର ଓ ଗଳିକନ୍ଦିରେ ପାଇ ଭକ୍ତମାନେ ଭାବବିହ୍ୱଳ ହୋଇପଡୁଛନ୍ତି । କାହା ଆଖିରେ ଆନନ୍ଦର ଅଶ୍ରୁ ତ ଆଉ କାହା ମନରେ ମା'ଙ୍କ ଆଶୀର୍ବାଦ ଲାଭ କରିବାର ଅପାର ଆକାଂକ୍ଷା । ମା'ଙ୍କ ଆଗମନ ସହିତ ଅଂଚଳର ପ୍ରତ୍ୟେକ ଗାଁରେ ସୃଷ୍ଟି ହୋଇଛି ଏକ ଭକ୍ତିମୟ ପରିବେଶ । ମା'ଙ୍କ ଏହି ବାର୍ଷିକ ପରିଭ୍ରମଣ କେବଳ ଏକ ଧାର୍ମିକ ପରମ୍ପରା ନୁହେଁ; ଏହା ଭକ୍ତ ଓ ଆରାଧ୍ୟା ଦେବୀଙ୍କ ମଧ୍ୟରେ ଥିବା ଅତୁଟ ଆସ୍ଥା, ବିଶ୍ୱାସ ଓ ଆବେଗର ଏକ ଅନନ୍ୟ ପ୍ରତୀକ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ମା' କନ୍ତେଶ୍ୱରୀ ଜଣେ ପ୍ରତ୍ୟକ୍ଷ ଦେବୀ । ଦୁଃଖ, କଷ୍ଟ ଓ ଜୀବନର ବିଭିନ୍ନ ସମସ୍ୟା ନେଇ ମା'ଙ୍କ ଶରଣାପନ୍ନ ହେଉଥିବା ଭକ୍ତମାନେ ନିଜ ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିଥାନ୍ତି । ମା'ଙ୍କ କୃପାରେ ମନସ୍କାମନା ପୂରଣ ହୋଇଥିବା ବିଶ୍ୱାସ କରୁଥିବା ଭକ୍ତମାନେ ଆଜି ତାଙ୍କ ଆଗମନରେ କୃତଜ୍ଞତା ଜଣାଇବା ସହ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଅନ୍ୟପକ୍ଷରେ, ଜୀବନରେ ଦୁଃଖକଷ୍ଟ ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଶ୍ରଦ୍ଧାଳୁମାନେ ନିଜ ମନର ବେଦନା ଓ ଆଶା ନେଇ ମା'ଙ୍କ ପାଦତଳେ ମଥା ନୁଆଁଉଛନ୍ତି । ଆସନ୍ତା ୧୬ ଦିନ ଧରି ମା' ବଣାଇ ଅଂଚଳର ବିଭିନ୍ନ ଗ୍ରାମ ପରିକ୍ରମା କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ମା'ଙ୍କୁ ସ୍ୱାଗତ କରିବା ପାଇଁ ଗ୍ରାମେ ଗ୍ରାମେ ଘର ଆଗରେ ଝୋଟିଚିତା, ଧୂପଦୀପ ଓ ପୂଜାର୍ଚ୍ଚନାର ଆୟୋଜନ କରାଯାଉଛି । ମା'ଙ୍କ ଆଗମନରେ ପ୍ରତ୍ୟେକ ଗାଁର ପରିବେଶ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ଉଲ୍ଲାସରେ ଭରିଉଠୁଛି । ଗ୍ରାମ ପରିକ୍ରମା ଶେଷ ହେବା ପରେ ଶୁକ୍ଳ ନବମୀ ତିଥିରେ ମା' ବଣାଇ ରାଜା ସାହେବଙ୍କ ଐତିହାସିକ ରାଜବାଟୀରେ ବିରାଜମାନ କରିବେ । ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଶେଷ ପୂଜାର୍ଚ୍ଚନା ସମ୍ପନ୍ନ ହେବ । ରାଜବାଟୀରେ ପୂଜା ପାଇବାର ପରଦିନ ମା' ପବିତ୍ର ବ୍ରାହ୍ମଣୀ ନଦୀ ପାର ହୋଇ ନିଜର ମୂଳ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ । ମା'ଙ୍କ ଏହି ପ୍ରତ୍ୟାବର୍ତ୍ତନ ସହିତ ସମଗ୍ର ବଣାଇ ଅଂଚଳରେ ଧୁମଧାମ ଓ ଭକ୍ତିପୂର୍ଣ୍ଣ ପରିବେଶରେ ବିଜୟା ଦଶମୀ ବା ଦଶହରା ପର୍ବ ପାଳନ କରାଯିବ । ସାନଜଳ ଗ୍ରାମରୁ ଯାତ୍ରାର ପ୍ରଥମ ଦିନର ଶୁଭାରମ୍ଭ ହେବା କ୍ଷଣି ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା । ମା'ଙ୍କ ଆଗମନକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଯେଉଁ ଆନନ୍ଦ, ଆବେଗ ଓ ଅପାର ଭକ୍ତିଭାବ ଦେଖିବାକୁ ମିଳିଛି, ତାହା ସମଗ୍ର ବଣାଇ ଅଂଚଳକୁ ଏକ ଅନନ୍ୟ ଆଧ୍ୟାତ୍ମିକ ଉତ୍ସବରେ ବାନ୍ଧି ରଖିଛି । ବର୍ଷକର ଅପେକ୍ଷା ପରେ ମା'ଙ୍କ ଏହି ଦିବ୍ୟ ପରିଭ୍ରମଣ ଭକ୍ତଙ୍କ ମନରେ ନୂଆ ଆଶା, ଆସ୍ଥା ଓ ଆନନ୍ଦର ସଂଚାର କରିଛି ।

ଭତାପାଇଁ ବିଡିଓଙ୍କ ଅଫିସ୍ ଆଗରେ ଅନଶନ

ଦଶପଲ୍ଲା, ୧୨/୧୦ (ଆ.ପ୍ର) : ବାର୍ଦ୍ଧକ୍ୟ ଭତା ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୃଦ୍ଧ ବୃଦ୍ଧା । ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ତିହଗାଁ ପଂଚାୟତରେ । ଏହି ପଂଚାୟତର ଶତାଧିକ ବୃଦ୍ଧ ବୃଦ୍ଧା ୩ମାସ ହେଲା ଭତା ଟଙ୍କା ବ୍ୟାଙ୍କ ଖାତାକୁ ଆସି ନଥିବା ଅଭିଯୋଗ କରିଛନ୍ତି । ଏନେଇ ହିତାଧିକାରୀ ମାନେ ବିଡ଼ିଓଙ୍କ କାର୍ଯ୍ୟାଳୟ ଆଗରେ ସପ ପଟି ବିଛେଇ ଶୋଇବା ସହ କାନ୍ଦି କାନ୍ଦି ଦୁଃଖ ପ୍ରକାଶ କରି ସମୂହ ଧାରଣା ଦେଉଛନ୍ତି । ଯେ ପର୍ଯ୍ୟନ୍ତ ଭତା ମିଳିନି ସେ ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି କହିଥିଲେ । ଅନ୍ୟ ପକ୍ଷରେ ଭତା ବିଭାଗର ଅଧିକାରୀ କହିଥିଲେ ଯେ ରାଜ୍ୟରେ କୌଣସି ହିତାଧିକାରୀଙ୍କ ପାଖକୁ ଆସିନାହିଁ ।

ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୧୨/୧୦ (ଆ.ପ୍ର) : ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୩୮୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୩୪୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୩୬ଟି ଅଭିଯୋଗର ସ୍ଥାନୀୟ ସମାଧାନ କରାଯାଇଥିଲା । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ନରେନ୍ଦ୍ର ପ୍ରସାଦ ବିଶ୍ୱାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଭ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରଧାନ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ ଓ ବାସୁଦେବପୁର କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା ସୁଧାଂଶୁ ମୋହନ ସ୍ୱାଇଁ, ବରଣ୍ଡୁଆ ସରପଂଚ ଶ୍ରୀଯୁକ୍ତ ଗୋବିନ୍ଦ ମଲ୍ଲିକ, ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ନୂଆପଡ଼ାର ନୂତନ ଜିଲ୍ଲାପାଳ ଭାବେ ଅନ୍ୟା ଦାସଙ୍କ ଦାୟିତ୍ୱ ଗ୍ରହଣ

ନୂଆପଡ଼ା, ୧୨/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ଆଇଏଏସ୍ ଅଧିକାରୀ ଅନ୍ୟା ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚି ସେ ଆନୁଷ୍ଠାନିକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ତାଙ୍କ ଯୋଗଦାନ ପରେ ଜିଲ୍ଲାର ପ୍ରଶାସନିକ କାର୍ଯ୍ୟଧାରା ଓ ବିକାଶମୂଳକ ପଦକ୍ଷେପକୁ ନେଇ ଆଶା ପ୍ରକାଶ ପାଇଛି । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସହ ଜନସାଧାରଣଙ୍କୁ ଉନ୍ନତ ପ୍ରଶାସନିକ ସେବା ଯୋଗାଇଦେବା ନୂତନ ଜିଲ୍ଲାପାଳଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେବ । ବିଶେଷକରି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା, ସରକାରୀ ଯୋଜନାର ସ୍ୱଚ୍ଛ ରୂପାୟନ ଏବଂ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଉପରେ ପ୍ରଶାସନର ଗୁରୁତ୍ୱ ରହିବ ବୋଲି ଆଶା କରାଯାଉଛି । ନୂଆପଡ଼ା ଜିଲ୍ଲାର ଅନେକ ଦୁର୍ଗମ ଓ ଦୂରଦୂରାନ୍ତ ଅଂଚଳର ଲୋକେ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥାନ୍ତି । ଏପରି ସ୍ଥିତିରେ ଲୋକଙ୍କ ଅଭିଯୋଗର ଶୁଣାଣି, ସମସ୍ୟାର ସମୟୋଚିତ ସମାଧାନ ଏବଂ ସରକାରୀ ସେବାକୁ ତୃଣମୂଳ ସ୍ତରରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏଥିସହ ସରକାରୀ ଯୋଜନାର ସୁଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେଥିପାଇଁ ପ୍ରଶାସନିକ ତଦାରଖ ଓ ସମନ୍ୱୟ ଗୁରୁତ୍ୱ ବହନ କରିବ । ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ଗ୍ରାମୀଣ ଭିତିଭୂମି ଓ ଜୀବିକା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ଜନସାଧାରଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି କ୍ଷେତ୍ରଗୁଡ଼ିକରେ ଚାଲିଥିବା ଯୋଜନାର ଅଗ୍ରଗତି ସମୀକ୍ଷା, କାର୍ଯ୍ୟରେ ସ୍ୱଚ୍ଛତା ଏବଂ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଦିଗରେ ଜିଲ୍ଲା ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ । ନୂତନ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଜନସମସ୍ୟାର ସମାଧାନ ସହ ବିକାଶମୂଳକ କାର୍ଯ୍ୟ ଅଧିକ ଗତିଶୀଳ ହେବ ବୋଲି ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି । ତେବେ ଏହି ଆଶାକୁ ବାସ୍ତବ ରୂପ ଦେବା ପାଇଁ ପ୍ରଶାସନର ସକ୍ରିୟତା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଲୋକଙ୍କ ପ୍ରତି ଉତରଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହେବ ।

ହକ୍ ଓ ଅଧିକାର ପାଇଁ କୋରାପୁଟରେ ଅଙ୍ଗନବାଡ଼ି କର୍ମୀଙ୍କ ବିକ୍ଷୋଭ

କୋରାପୁଟ, ୧୨/୧୦ (ଆ.ପ୍ର) : ନିଜର ନ୍ୟାଯ୍ୟ ଅଧିକାର ଓ ବିଭିନ୍ନ ଦାବି ପୂରଣ ପାଇଁ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଛନ୍ତି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା । ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ନେତୃତ୍ୱରେ ହଜାର ହଜାର କର୍ମୀ ଓ ସହାୟିକା ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି । ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା ସହ ୨୦୨୪ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରାଯାଇଥିବା ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବାକୁ ସଂଘ ଦାବି କରିଛି । ଏଥିସହ ୨୦୨୬ ମସିହାରେ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ୫୫ ବର୍ଷରୁ ଅଧିକ ବୟସ୍କ ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ବ୍ୟବସ୍ଥାକୁ ବନ୍ଦ କରିବାକୁ ଦାବି

ହୋଇଛି । ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ୬୦ ବର୍ଷ ବୟସ ପରେ ମଧ୍ୟ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଅତିରିକ୍ତ ଦୁଇବର୍ଷ କାର୍ଯ୍ୟ କରିବାର ସୁଯୋଗ ଦେବା ସହ ସେମାନଙ୍କ ପ୍ରାପ୍ୟ ଓ ଅନ୍ୟାନ୍ୟ ନ୍ୟାଯ୍ୟ ସୁବିଧାରୁ ବଂଚିତ ନକରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଶିଶୁଙ୍କ ପୁଷ୍ଟିସାଧନ, ପ୍ରାକ୍‌ବିଦ୍ୟାଳୟ ଶିକ୍ଷା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । ତେଣୁ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଆନ୍ଦୋଳନକାରୀମାନେ ଦାବି ଜଣାଇଛନ୍ତି । ଏହି ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ବିକ୍ଷୋଭ ପରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଶବର ଆନ୍ଦୋଳନକାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ । ଏବେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଦାବି ଉପରେ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

୧୦ଦଫା ଦାବୀ ନେଇ ନବରଙ୍ଗପୁର ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଏସୋସିଏସନ ଆନ୍ଦୋଳନ

ନବରଙ୍ଗପୁର, ୧୨/୧୦ (ଆ.ପ୍ର) : ନବରଙ୍ଗପୁର ସେବା ଜ୍ୟୋତି ଛକ ଠାରୁ ଏକ ସଭାଯାତ୍ରା ରେ ଆସି ଜିଲ୍ଲାପାଳଙ୍କ ଜରିଆରେ ମାନନୀୟ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଓଡିଶା ସରକାର, ମାନନୀୟା ଶ୍ରୀମତୀ ପ୍ରଭାତୀ ପରିଡା ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଓଡିଶା ସରକାର ଭୁବନେଶ୍ୱରଙ୍କୁ ଦଶ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘ ପରିଚାଳିତ ଅଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କରସଏସୋସିଏସନ ଅଙ୍ଗନବାଡି କର୍ମୀମାନେ ଅତ୍ୟନ୍ତ କଠିନ ପରିସ୍ଥିତିରେ ନିଷ୍ଠାର ସହ କାର୍ଯ୍ୟ ତୁଲାଉଥିବା ବେଳେ ବର୍ତ୍ତମାନ କେତେକ ଜଟିଳ ନୀତି ଏବଂ ଆର୍ଥୀକ ଅବ୍ୟବସ୍ଥା କାରଣରୁ ସେମାନେ ଘୋର ମାନସିକ ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ବାରମ୍ବାର ନିବେଦନ ସତ୍ତ୍ୱେ ପ୍ରଶାସନ କିମ୍ବା ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ଏଥ ିରେ ଭାରତୀୟ ମଜଦୁର ସଂଘ, ନବରଙ୍ଗପୁର ଜିଲ୍ଲା ସଭାପତି ଶ୍ରୀବାଙ୍କ ବିହାରୀ ବିଷୋୟୀ , ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ ଅଙ୍ଗନୱାଡି ସଂଘ ଜିଲ୍ଲା ଉପଦେଷ୍ଟା ସବିତା ନାୟକ, ଜିଲ୍ଲା ସଭାନେତ୍ରୀ ଛବିଳ କୁମାରୀ ମାଝୀ,ଜିଲ୍ଲା ସମ୍ପାଦିକା ଜମା ନାୟକ, ଜିଲ୍ଲା ଉପଦେଷ୍ଟା ମମତା ବ୍ରହ୍ମା, ସନ୍ଧ୍ୟାରାଣୀ ବିଶାଳ, ସଙ୍ଗଠନ ସମ୍ପାଦିକା ଭାଗ୍ୟବତୀଷଡଙ୍ଗୀ ଓ ଜିଲ୍ଲାର ସମସ୍ତ ବ୍ଲକ ସଭାନେତ୍ରୀ ଓ ସମ୍ପାଦିକା ମାନେ ପରିଚାଳନା କରିଥିଲେ, ଦାବୀ ଗୁଡିକ ଯଥା ସମୀକ୍ଷା ଆଳରେ ଛଟେଇ ବନ୍ଦ : ୫୫ ବର୍ଷ କିମ୍ବା ତଦୂର୍ଦ୍ଧ ବୟସ୍କା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ କ୍ଷେତ୍ରରେକାର୍ଯ୍ୟ ଦକ୍ଷତା ସମୀକ୍ଷା ବାହାନାରେ କାର୍ଯ୍ୟରୁ ବହିଷ୍କାର ବା ଅବସରଦେବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ପୁନ:ନିଯୁକ୍ତି ସମସ୍ୟାର ସ୍ଥାୟି ସମାଧାନ - ରାଜ୍ୟର ବିଭିନ୍ନଜିଲ୍ଲାରେ ୬୦ ବର୍ଷ ପରେ କର୍ମୀମାନଙ୍କ ପୁନ: ନିଯୁକ୍ତି ନେଇ ଉପୁଜିଥିବା ଅନିଶ୍ଚିତତା ଓ ବିଭ୍ରାନ୍ତି ଦୁର କରି ଏକସ୍ୱଷ୍ଟ ସମାନ ତଥା ସ୍ଥାୟିନୀତି ଲାଗୁକରାଯାଉ । ଅଙ୍ଗନୱାଡି କର୍ମୀ ସହାୟିକା ଙ୍କର ପାରିଶ୍ରମିକ ନିୟମିତଭାବେ ଏକକାଳିନ ୧ ତାରିଖରୁ ୫ ତାରିଖ ମଧ୍ୟରେ ପ୍ରଦାନ କରାଯାଉ । କଟାଯାଇଥିବା ମାନଧନ ରାଶି ଫେରସ୍ତ : ଦୁର୍ଗମ ଅଂଚଳରେ ନେଟୱର୍କ ସମସ୍ୟା ଓ ସଫ୍ଟୱେର ଜନିତଯାନ୍ତ୍ରିକ ତ୍ରୁଟି ଥିବାରୁ ପୋଷଣ ଟ୍ରାକରରେ ଡାଟା ଏଣ୍ଟ୍ରି ବିଳମ୍ବ ହୋଇଥିବାରୁ କର୍ମୀମାନଙ୍କ କଟାଯାଇଥିବା ମାନଧନ ରାଶିର ପୂନର୍ବିଚାର କରାଯାଇ ତାହା ତୁରନ୍ତ ଫେରସ୍ତ ଦିଆଯାଉପଦୋନ୍ନତିରେ ବୟସ ସୀମା ଉଚ୍ଛେଦ : ଅଙ୍ଗନବାଡି ସହାୟିକାରୁ କର୍ମୀ ପଦବୀକୁ ପଦୋନ୍ନତି ନିମନ୍ତେ ଧାର୍ଯ୍ୟ ୪୫ ବର୍ଷର ସର୍ବୋଚ୍ଚ ବୟସ ସୀମାକୁ ସମ୍ପୁର୍ଣ୍ଣ ପ୍ରତ୍ୟାହାର କରାଯାଉ । ସୁପରଭାଇଜର ପଦବୀକୁ ନିୟମିତ ପଦୋନ୍ନତି : ଯୋଗ୍ୟତା ସମ୍ପନ୍ନ ଅଙ୍ଗନବାଡି କର୍ମୀଙ୍କୁ ସୁପରଭାଇଜର ପଦବୀକୁ ପ୍ରତିବର୍ଷ ନିୟମିତ ଓ ସ୍ୱଛ ଭାବେ ପଦୋନ୍ନତି ପ୍ରଦାନ କରାଯାଉ । ବକେୟା ପ୍ରାପ୍ୟ ପ୍ରଦାନ । ବିଗତ ୩ବର୍ଷ ଧରି ବକେୟା ରହିଥିବା ପୋଷାକ(ୟୁନିଫର୍ମ) ଖର୍ଚ୍ଚ ଓ ଦୀର୍ଘ ଦିନର ବାକି ଥିବା ମୋବାଇଲ ଇଂଟରନେଟ ରିଚାର୍ଜ ଖର୍ଚ୍ଚ ତୁରନ୍ତ ପ୍ରଦାନ କରାଯାଉ । ସ୍ୱଚ୍ଛ ଖାତା ବିବରଣୀ ସୃଷ୍ଟିକରଣ : ଅଙ୍ଗନବାଡି କେନ୍ଦ୍ରର ସ୍ୱତନ୍ତ୍ର ବେଙ୍କ ଖାତାକୁ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଅନୁଦାନ ଓ ଅର୍ଥରାଶିର ସ୍ୱଷ୍ଟ ବିବରଣୀ ଉପଲବ୍ଧ କରାଯାଉ । ଖାଦ୍ୟ ସାମଗ୍ରୀ ଓ ଅର୍ଥର ନିୟମିତ ଯୋଗାଣ : ସମସ୍ତ ଜିଲ୍ଲାରେ ଝଗଡ ଓ ଗଞ୍ଜେଣି ଯୋଜନାର ଅନୁଦାନ ଅର୍ଥ ତଥା ଚାଉଳ, ନିୟମିତ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଉ ସାମାଜିକସୁରକ୍ଷା ଓ ଅବସରକାଳୀନ ସୁବିଧା : ଦୀର୍ଘ ଦିନରୁ ବକେୟା ପଡିରହିଥିବା ମାତୃତ୍ୱ କାଳୀନ ସୁବିଧା ମୃତ୍ୟୁ କାଳୀନସହାୟତା କୌଣସି ବିଳମ୍ବ ନ କରି ଶୀଘ୍ର ପ୍ରଦାନ କରାଯାଉ । ସମସ୍ତ ବ୍ଲକରୁ ପ୍ରାୟ ୧୫୦୦ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନେ ଉପସ୍ଥିତ ଥିଲେ ।

ସାଇପର ଫାର୍ମାସି ଶିକ୍ଷାନୁଷ୍ଠାନରେ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଗାନ୍ଧୀ ଚୌଦ୍ୱାର, ୧୨/୧୦ (ଆ.ପ୍ର) : କଟକ ମଙ୍ଗୁଳି ସ୍ଥିତ ସାଇପର ଶିକ୍ଷା ଅନୁଷ୍ଠାନରେ ନବାଗତ ଏମ ଫାର୍ମାସି, ବି ଫାର୍ମାସି ଓ ଏଲ.ଇ ଛାତ୍ର ଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରିନ୍ସପାଲ ଡ଼ ସନ୍ତୋଷ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଫାର୍ମାସି ବିଭାଗର ବରିଷ୍ଠ ଅଧ୍ୟାପକ ଡ଼ କଳାକାର ବଳ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଜୀବନରେ ପାଇଥିବା ସଫଳତା ଓ ଅତ୍ୟାଧୁନିକ ଔଷଧ ସହିତ ଫାର୍ମାସି ବିଭାଗର ଅବଦାନ ଉପରେ ଆଲୋକପାତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଙ୍ଗଳ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା ଓ ପ୍ରଧ୍ୟାପିକା ଡ଼ ଲିନା ସାମନ୍ତରାୟ ଯୋଗ ଦେଇ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ, ପ୍ରିନ୍ସପାଲ ଡ଼ ସନ୍ତୋଷ କୁମାର ବଳ ଛାତ୍ର ଛାତ୍ରୀ ମାନଙ୍କୁ ସାଇପର ପରିସରକୁ ସ୍ୱାଗତ କରିବା ସହ ଫାର୍ମାସି ପାଠକୁ ମନ ଦେଇ ପଢିବା ସହିତ ନିଜକୁ ଏକ କୁଶଳୀ ଫାର୍ମାସିଷ୍ଟ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ତଥା ପରିଚାଳନା କମିଟି ସଦସ୍ୟ ପବିତ୍ର ମୋହନ ମହାନ୍ତି ଛାତ୍ର ଛାତ୍ରୀଙ୍କୁ ସୁନ୍ଦର ଭାବେ ଗଢି ତୋଳିବାର ଦାୟିତ୍ୱ ଆମର କହି ଅଭିଭାବକ ମାନଙ୍କୁ ଆଶ୍ୱସନା ଦେଇଥିଲେ, ପ୍ରାଧ୍ୟାପକ ଡ଼ ପ୍ରିୟଦର୍ଶୀ ମିଶ୍ର, ଡ଼ ବିଶ୍ୱରଂଜନ ରାୟ, ସୁବୀର ମିତ୍ର, ଦେବାଶିଷ ମିଶ୍ର, ସୌମ୍ୟ ରଞ୍ଜନ ସାହୁ, ଉପସ୍ଥିତ ରହି ନିଜ ନିଜ ବିଭାଗର ସମସ୍ତ ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଅଧ୍ୟାପିକା ଶ୍ରୀମତୀ ସ୍ୱସ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଖଣ୍ଡପଡ଼ା ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ

ଖଣ୍ଡପଡ଼ା, ୧୨/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ୫ମ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସର୍ବମୋଟ ୧୯ ଅଭିଯୋଗ ଗ୍ରହଣ କରାଯାଇ ଥିବା ବେଳେ ତନ୍ମଧ୍ୟରୁ ଭତା ସମ୍ପର୍କିତ ୬ଟି ଗ୍ରାମାଂଚଳ ଘରୋଇ ସମସ୍ୟା ୫ ଟି, ୫ ଟି ରାସନ କାର୍ଡ, ଭୂମି ସମ୍ପର୍କିତ ୨ଟି ସମେତ ଅନ୍ୟ ଅଭିଯୋଗ ଗୁଡିକର ଶୁଣାଣି କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଂଚାୟତ ଓ ସହରାଂଚଳରୁ ଅଭିଯୋଗକାରୀମାନେ ଶିବିରରେ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗପତ୍ର ଗୁଡିକ ପ୍ରଦାନ କରିଥିଲେ । ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଅନୀତ କୁମାର ବଡ଼ସେଠିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକ ଉପରେ ଶୁଣାଣି କରିଥିଲେ ।

ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ 'ଜୁଭେଂଟିକା'କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୨/୧୦ (ଆ.ପ୍ର) : ପାରଳାଖେମୁଣ୍ଡି ଆଦର୍ଶ ପୋଲିସ ଥାନା ପକ୍ଷରୁ ଜୁଭେଂଟିକା କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଏବଂ ଥାନା ପରିସରରେ ଏକ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିର ବିଭିନ୍ନ ବିଦ୍ୟାଳୟ ଏବଂ ଅନ୍ୱେଷା ଛାତ୍ରାବାସର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପୋଲିସ ଓ ଶିଶୁମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ, ପୋଲିସ ପ୍ରତି ବିଶ୍ୱାସ ସୃଷ୍ଟି ଏବଂ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା । ସଭା କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ, ବାଲ୍ୟ ବିବାହ ନିଷେଧ ଓ ଉଚ୍ଛେଦ, ପୋକ୍ସୋ ଆଇନ, ଶିଶୁ ନିର୍ଯାତନା ଓ ଶୋଷଣ ରୋକିବା, ସାଇବର ସୁରକ୍ଷା ଏବଂ ଅନ୍ୟାନ୍ୟ ସାମାଜିକ ଓ ଆଇନଗତ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା । କୌଣସି ପ୍ରକାର ନିର୍ଯାତନା, ଅସଦାଚରଣ କିମ୍ବା ଶୋଷଣର ଶିକାର ହେଲେ ବିନା ଭୟରେ ପୋଲିସକୁ ଜଣାଇବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ବେହେରା, ଡିଏସ୍‌ପି, ଏଚ୍‌ଆର୍‌ପିସି, ଗଜପତି, ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନିତା ରଥ, ପ୍ରଶାସିକା, ୱାନ୍ ଷ୍ଟପ୍ ସେଂଟର, ପାରଳାଖେମୁଣ୍ଡି, ମିନତୀ ପଣ୍ଡା, ଅଧ୍ୟକ୍ଷା, ଅନ୍ୱେଷା ଛାତ୍ରାବାସ, ପାରଳାଖେମୁଣ୍ଡି ଆଦର୍ଶ ପୋଲିସ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଏବଂ ଏସ୍‌ଆଇ ସ୍ୱପ୍ନା ବେହେରା, ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ , ଶିକ୍ଷକ ଶିକ୍ଷୟିତ୍ରୀ ଓ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଗୁରୁତ୍ୱ, ଶିଶୁ ଅଧିକାର, ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ମାନଙ୍କୁ ସମସ୍ତ ପ୍ରକାର ନିର୍ଯାତନା ଓ ଶୋଷଣରୁ ସୁରକ୍ଷିତ ରଖିବା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ପୋଲିସ ଅଧିକାରୀ ମାନଙ୍କ ସହ ଖୋଲା-ଖୋଲି ଭାବେ ଆଲୋଚନା କରିବାର ସୁଯୋଗ ପାଇଥିଲେ । ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅତିଥି ଏବଂ ପୋଲିସ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା । ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗଜପତି ପୋଲିସ ସଦା ପ୍ରତିବଦ୍ଧ ।

ଖଡ଼ିଆଳରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ, ୬୪ଟି ଅଭିଯୋଗ ପଞ୍ଜୀକୃତ

ନୂଆପଡ଼ା, ୧୨/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର, ଏ. ମାଧବୀଲତା ଏବଂ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଓ ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ସହ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜିତ ହୋଇଥିଲା ।

ଗଣିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଗଣିଆ, ୧୨/୧୦ (ଆ.ପ୍ର) : ଗଣିଆ ବ୍ଲକ ସଭା ଗୃହରେ ନୟାଗଡ ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ମଧୁମିତା ରଥ, ଏସପି ଶୁଭେନ୍ଦୁ ପାତ୍ର,ଏସଡିପିଓ ସରୋଜ କୁମାର ସାହୁ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ବିଡ଼ିଓ ଲାବଣ୍ୟେନ୍ଦୁ ମହାନ୍ତି, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ,କୃଷି, ମତ୍ସ୍ୟ,ବନ ବିଭାଗ, ବିଦ୍ୟୁତ୍ ବିଭାଗର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ରାସନ୍ କାର୍ଡ,ଭତା, ଆବାସ ଯୋଜନା, ରାସ୍ତା ନିର୍ମାଣ ସମ୍ପର୍କିତ ୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୪ଟି,ସାମୂହିକ ୭ଟି, ଅନ୍ୟାନ୍ୟ ଗୋଟିଏ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୨୭ଟି ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟ ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଦିନକୁ ଦିନ ଜନ ଅଭିଯୋଗ ଶୁଣାଣି ପ୍ରତି ଜନସାଧାରଣଙ୍କ ଆଉ ଆସ୍ଥା ରହୁନି ବୋଲି ସାଧାରଣରେ ଆଲୋଚନା ହେଉଛି ।

ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୧୨/୧୦ (ଆ.ପ୍ର) : ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଏବଂ ସମୟବଦ୍ଧ ନିରାକରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିରଂଚି ନାରାୟଣ ଦରମ୍ବାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଶିବିରରେ ସର୍ବମୋଟ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ଗୋଟିଏର ତତ୍କାଳ ସମାଧାନ କରାଯାଇଥିବାବେଳେ ରେଡକ୍ରସ୍ ପାଣ୍ଠି ସମ୍ପର୍କିତ ଗୋଟିଏ ମାମଲା ମଧ୍ୟ ଗ୍ରହଣ କରାଯାଇଥିଲା । ଶିବିରରେ ଉପସ୍ଥାପିତ ପ୍ରତ୍ୟେକ ଅଭିଯୋଗର ପ୍ରକୃତି, ଗୁରୁତ୍ୱ ଓ ସମ୍ପୃକ୍ତ ତଥ୍ୟକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ । ଅଭିଯୋଗଗୁଡ଼ିକର ଉପଯୁକ୍ତ ଯାଂଚ କରି ପ୍ରଚଳିତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ନିଜର ବ୍ୟକ୍ତିଗତ, ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କରେ ପ୍ରଶାସନ ନିକଟରେ ସିଧାସଳଖ ଅଭିଯୋଗ ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି । ଲୋକଙ୍କ ନିକଟରେ ପ୍ରଶାସନକୁ ପହଂଚାଇବା, ସମସ୍ୟାର ତ୍ୱରିତ ଓ ସମୟୋଚିତ ସମାଧାନ କରିବା ସହ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଦିଗରେ ଏପରି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଜନସାଧାରଣଙ୍କ ଅଭିଯୋଗର ନିରପେକ୍ଷ, ତ୍ୱରିତ ଓ ପ୍ରଭାବଶାଳୀ ନିରାକରଣ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିବଦ୍ଧ ।

ସ୍ୱର୍ଗତ ପଦ୍ମଚରଣ ମିଶ୍ରଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଦଶପଲ୍ଲା, ୧୨/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ପଦ୍ମ ଚରଣ ମିଶ୍ରଙ୍କ ୫ମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏକ ନିଆରା ଢଙ୍ଗରେ ଏହା ପାଳିତ କରାଯାଇଛି । ସ୍କୁଲର ଛାତ୍ରଛାତ୍ରୀଙ୍କୁ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା, ନୃତ୍ୟ ଆଦି ବିଷୟ ଉପରେ ପ୍ରତିଯୋଗିତା ମାନ କରାଯାଇଥିଲା । କୃତୀ ଛାତ୍ର ଛାତ୍ରୀଙ୍କୁ ଏହି ଉତ୍ସବରେ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଦଶମ ଶ୍ରେଣୀରେ କୃତିତ୍ୱ ଲାଭ କରିଥିବା ଛାତ୍ରୀ ମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିଭାବେ ବିଶିଷ୍ଟ ସ୍ତମ୍ଭକାର ବ୍ରଜ ନନ୍ଦ, ଅବସର ପ୍ରାପ୍ତ ପ୍ରୋଜେକଟ ଅଧିକାରୀ ଲକ୍ଷ୍ମୀନାରାୟଣ ପାଢ଼ୀ,ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି,କଟକରୁ ମିତାଲି ମହାପାତ୍ର ଏବଂ ବିମଳ ପ୍ରସାଦ ଦାଶ, ସମାଜ ସେବୀ ପ୍ରାଣକୃଷ୍ଣ ବେହେରା, ପ୍ରସନ୍ନ କୁମାର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନ ମଂଚାସିନ ଥିବାବେଳେ ପ୍ରଭାତ କୁମାର ସାହୁ ସଂଯୋଜନା କରିଥିଲେ. ଏଥିସହ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହିତ ସମସ୍ତ ଶିକ୍ଷକ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ଦୁର୍ଘଟଣାଜନିତ ଅଭିଯୋଗକୁ ୪୫ ଦିନ ପୁରିଲା, ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ

ଜଗତସିଂହପୁର, ୧୨/୧୦ (ଆ.ପ୍ର) : ଜଗତସିଂହପୁର ଥାନା ଅନ୍ତର୍ଗତ ଯାଂକୋଟି ପଂଚାୟତ ଅରଣା ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ମହାରଣାଙ୍କ ପୁଅ ଦାଶରଥି ମହାରଣା ଗତ ୨୩. ୮. ୨୬ରେ ହୋଇଥିବା ଏକ ସଡ଼କ ଦୁର୍ଘଟଣା ସମ୍ପର୍କରେ ଥାନାରେ ଗତ ୨୭. ୮ରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଆଜି ପର୍ଯ୍ୟନ୍ତ ଏତଲାକୁ ପଞ୍ଜିକରଣ କରୁନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାର ଶ୍ରୀମହାରଣା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଶ୍ରୀ ମହାରଣା ଜିଲ୍ଲାପାଳ ଓ ଏସପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନଥିବାର ସେ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଗତ ୨୩. ୮. ୨୬ ରିଖ ଦିନ ଶ୍ରୀ ମହାରଣାଙ୍କ ପୁଅ ବିଶ୍ୱଜିତ ମହାରଣା(୨୪) ଓ ଝିଅ ଭାଗ୍ୟଶ୍ରୀ ମହାରଣା(୧୮) ଏକ ସ୍କୁଟି ଯୋଗେ ରାକ୍ଷୀ କିଣିବା ପାଇଁ ଯାଉଥିବା ବେଳେ ମାର୍କଣ୍ଡପୁର ଗେଟ ଛକ ନିକଟ ଏକ ଚକ୍ଷୁ ଚିକିତ୍ସାଳୟ ସମ୍ମୁଖରେ ଏକ ଟାଟା ଏସି ପଛ ପଟୁ ପିଟି ଦେବା ଫଳରେ ଘଟଣା ସ୍ଥଳରେ ଦୁଇଜଣ ଯାକ ଗାଡ଼ିରୁ ପଡିଯାଇଥିଲେ । ଘଟଣା ସ୍ଥଳରେ ପୁଅ ବିଶ୍ୱଜିତର ଡାହାଣ ହାତ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା । ସ୍ଥାନୀୟ ଲୋକେ ଭାଇ ଭଉଣୀ ଦୁହିଁଙ୍କୁ ଉଠାଇବା ସହ ପରିବାର ଲୋକଙ୍କୁ ଫୋନ କରିଥିଲେ । ପରେ ବିଶ୍ୱଜିତର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଅପରେସନ କରାଇଥିଲେ । ଏହି ଘଟଣାଟି ଘଟିଥିବା ସମୟରେ ସ୍ଥାନୀୟ ଅଂଚଳର ୩ଜଣ ବ୍ୟକ୍ତି ଦେଖିଥିଲେ ଏବଂ ଏତଲାରେ ସେମାନେ ଦସ୍ତଖତ କରିଥିବାରୁ ଦେଖିବାକୁ ମିଳିଛି । ତେବେ ଏତଲା ଦେବାର ୪୫ ଦିନ ପୂରିଯାଇଥିଲେ ମଧ୍ୟ ପୋଲିସର ଏତଲା ପଞ୍ଜିକରଣ କରୁନାହିଁ କି ସମ୍ପୃକ୍ତ ଗାଡି ମାଲିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ତେଣୁ ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାରଣା ନିବେଦନ କରିଛନ୍ତି ।

ପୂଜା ପାଉଛନ୍ତି ତିନି ଶହ ବର୍ଷର ମା' ରାମଚଣ୍ଡୀ

ସିମୁଳିଆ, ୧୨/୧୦ (ଆ.ପ୍ର) : ପ୍ରତିବର୍ଷ ପରି ଚଳିତ ବର୍ଷ ଦୁର୍ଗାପୂଜା ଅବସରରେ ମା ରାମଚଣ୍ଡୀଙ୍କର ଷୋଡ଼ଶ ଦିବସୀୟ ଶାରଦୀୟ ଦୁର୍ଗାପୂଜା ଅର୍ଚ୍ଚନା କମିଟି ଦ୍ୱାରା ଆୟୋଜନ କରାଯାଉଛି । ମାଙ୍କର ସ୍ୱତନ୍ତ୍ର ମହିମା ଅଛି ବୋଲି ଗ୍ରାମବାସୀ କହିଥାନ୍ତି । ମା'ଙ୍କୁ ବିପଦ ସମୟରେ ଡାକିଲେ ଭକ୍ତଙ୍କ ଡାକ ଶୁଣିଥାନ୍ତି ମା' । ଲୋକକଥା ଅନୁଯାୟୀ ବାଲିଖଣ୍ଡ ମିଶ୍ର ସାହିର ଜମିଦାର ଲୋକନାଥ ଚୌଧୁରୀ ମିଶ୍ର ମା ରାମଚଣ୍ଡୀଙ୍କୁ କଟକରୁ ଆଣିଥିଲେ । ମାଙ୍କ ବିଶେଷତ୍ୱ ମାଙ୍କ ନିକଟରେ ଛେନା ଭୋଗ ମୁଖ୍ୟ ଭୋଗ ଭାବେ ଅର୍ପଣ କରାଯାଇଥାଏ । ପ୍ରତିଦିନ ଚଣ୍ଡୀପୂଜା, ଷୋଡ଼ଷ ଉପଚାର, ଭେଷ ପରିବର୍ତ୍ତନ କରାଯାଇଥାଏ । ମା'ଙ୍କ ଏହି ବେଷ ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁ ମାନେ ଆସି ମାଙ୍କୁ ଦର୍ଶନ କରିଥାନ୍ତି । ପ୍ରତିଦିନ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଭୋଗ ବଂଟନ କରାଯାଇଥାଏ । ମାଙ୍କ ମୁଖ୍ୟ ପୂଜା ଦୁର୍ଗା ପୂଜା ହୋଇଥିବା ବେଳେ ଅକ୍ଷୟ ତୃତୀୟା ବାର୍ଷିକ ପୂଜାଭାବେ ପାଳନ କରାଯାଇଥାଏ ।

କ୍ଲଷ୍ଟର ସ୍ତରୀୟ ସୁରଭି ଓ ଆଂଚଳିକ ସାଧନା କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ

ତୁମୁଡିବନ୍ଧ, ୧୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଉଙ୍ଗାମାହା କ୍ଲଷ୍ଟର ସ୍ଥିତି ରାମ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କୁର୍ତମ ଗଡ଼ ଠାରେ ସୁରଭି ୨୦୨୬ ଅନୁଷ୍ଠିତ ହୋଇଥିଲା. ଏହି କାର୍ଯ୍ୟକ୍ରମ ରେ ତୁମୁଡିବନ୍ଧ ବ୍ଲକ ସହ ଶିକ୍ଷା ଅଧିକାରୀ ଦମ୍ବରୁ ଧର ସାହୁ, ନିକେନ୍ଦ୍ର ଦିଗାଲମୁଖ୍ୟ ବକ୍ତା ଓ ଡାକ୍ତର ଦୀବାୟ ଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ, ସନ୍ମାନୀତି ଅତିଥି ଭାବେ କୁର୍ତମ ଗଡ଼ ସେବା ଆଶ୍ରମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିଶ ଚନ୍ଦ ପ୍ରଧାନ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦ୍ୟାଧାର ପ୍ରଧାନ, ଯୁବ ସମାଜ ସେବୀ ତଥା ସାମ୍ବାଦିକ ରୋହନ କୁମାର ନନ୍ଦ, ଶିକ୍ଷା ବିଭାଗୀୟ ସଂସଦ ପ୍ରତିନିଧି ଚନ୍ଦନ ପଡି, ଜିଲ୍ଲା ବିଜେପି ଯୁବ ନେତା ମାନ ମାଝୀ, ଗଣେଶ ମାଝୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଟିକୁ କ୍ଲଷ୍ଟର ସିଆରସି ପ୍ରତାପ ସିଂ ବାରିକ ପରିଚାଳନା କରିଥିବା ବେଳେ ରାମ ଚନ୍ଦ ଦେଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ବିଭିନ୍ନ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳିଛି । ଏହିଁ କାର୍ଯ୍ୟକ୍ରମରେ ଉଙ୍ଗାମାହ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ର, ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର, ଛାତ୍ରୀଙ୍କର ଭିତରେ ଲୁଚି ରହିଥିବା କଳା, ସଂସ୍କୃତି ପ୍ରତିଭାକୁ ଲୋକ ଦେଖିପାରିବେ ଓ ଛାତ୍ର, ଛାତ୍ରୀ ବିଦ୍ୟାଳୟକୁ ଆସିବା ଓ ପାଠ ପଢାରେ ପାଇଁ ଆଗ୍ରହ ହେବ ବୋଲି ଆଶା କରାଯାଉ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟର ପ୍ରତି ଯୋଗିତା ହେଉଥିଲା ପ୍ରତିଯୋଗିତାରେ ଉତୀର୍ଣ୍ଣ ହେଉଥିବା ପ୍ରତି ଯୋଗୀ ଛାତ୍ର ଛାତ୍ରୀଙ୍କୁ କାର୍ଯ୍ୟକ୍ରମକୁ ଆସିଥିବା ଅତିଥିଙ୍କ ଦ୍ୱାରା ପୁରସ୍କୃତ କରା ଯାଇଛି । ପ୍ରତିଯୋଗିତାରେ ଉତୀର୍ଣ୍ଣ ହେଉଥିବା ଛାତ୍ର, ଛାତ୍ରୀଙ୍କୁ ବ୍ଲକ ସ୍ତରୀୟପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ କରିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଓ ଅତିଥିଙ୍କୁ କ୍ଲଷ୍ଟର ସିଆରସି ପ୍ରତାପ ସିଂ ବାରିକ ଓ ସ୍ଥାନୀୟ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀଙ୍କ ମନରେ ଉତ୍ସାହ ହେଖିବାକୁ ମିଳିଥିଲା ।

ଓଜେୟୁ କଳାହାଣ୍ଡି ଶାଖାର କର୍ମକର୍ତା ଚୟନ

ଧର୍ମଗଡ଼, ୧୨/୧୦ (ଆ.ପ୍ର) : ଭବାନୀପାଟଣା ସିନେପ୍ଲେକ୍ସ ଠାରେ ଓଡ଼ିଶା ଜର୍ଣ୍ଣାଲିଷ୍ଟ ୟୁନିଅନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଂଘର ସଭାପତି ନିରୋଜ୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯିବା ସହ ନୂତନ କର୍ମକର୍ତା ଚୟନ କରାଯାଇ ଥିଲା । ସଭାପତି ଭାବେ ନୀରୋଜ ପଟ୍ଟନାୟକ, ଉପ ସଭାପତି ସନ୍ତୋଷ ସିଂ, ଅଭିରାମ ପ୍ରସାଦ ପଟ୍ଟନାୟକ, ମଧୁ ସିନ୍ଦୂର, ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ, ସହ ସମ୍ପାଦକ ସୁଧୀର ଗୋପାଳ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ନାୟକ, ଉପଦେଷ୍ଟା ତ୍ରିମେଶ୍ୱର୍ ସାହୁ, କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀକାନ୍ତ ଧଙ୍ଗଡାମାଝୀ, ରାମ ନାଏକ, କିଶାନ ଶର୍ମା, ବିକାଶ ପ୍ରଧାନ ଓ କାମିନୀ କିନ୍ନର ମନୋନୀତ ହୋଇଥିଲେ ।

ବିଏସ କଲେଜ ନିର୍ବାଚନରେ ଜମୁଛି ପ୍ରଚାର

ଦଶପଲ୍ଲା, ୧୨/୧୦ (ଆ.ପ୍ର) : ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ନିମନ୍ତେ କଲେଜ ପରିସରର ବାତାବରଣ ବେସ ସରଗରମ ହେବାରେ ଲାଗିଛି । ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାଥୀ ଏବଂ ସମର୍ଥକ ମାନେ ଜିତିବା ପାଇଁ ଚେଷ୍ଟା ଚଳାୟ ରଖିଛନ୍ତି । ମୁଖ୍ୟ ପଦବୀ ସଭାପତି, ଉପସଭାପତି ଏବଂ ସାଧାରଣ ସମ୍ପାଦକ ପାଇଁ ସିଧାସଳଖ ଲଢେଇ ହେବ । ମୁଖ୍ୟ ପଦବୀ ପାଇଁ ଦୁଇଜଣ ପ୍ରାର୍ଥୀ ଥିବାରୁ ଜୋରଦାର ଲଢେଇ ହେବ ବୋଲି ଜଣାପଡିଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ କ୍ୟାମ୍ପେନ ହେବା ସହିତ କଲେଜରେ ମଧ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ୟାମ୍ପେନ ଚାଲିଥିବା ଜଣାପଡିଛି । କଲେଜ ରାଜନୀତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୁହଁ ବରଂ ରାଜନୈତିକ ନେତାମାନେ ଏହି ନିର୍ବାଚନର ଫଳାଫଳକୁ ଅପେକ୍ଷା କରିରହିଛନ୍ତି । ଦେଖାଯାଉ ୬ଦଳିଆ ଶାସକ ବାଜିମାତ କରୁଛି ନା ୧ଦଳିଆ ବିରୋଧି କରୁଛି ତାହା ଦେଖିବାକୁ ବାକିରହିଲା ।

ବୋଲଗଡ ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା, ୧୨/୧୦ (ଆ.ପ୍ର) : ଖୋରଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁସୋତମ୍ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରର ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋରଧା, ସଂକଳ୍ପ ସ୍ୱସ୍ତିକ ସାହୁ, ବିଡିଓ, ସୁଶ୍ରୀ ସୁମନ ସୁଦ୍ଧା କୁଣ୍ଡୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସ୍ୱିଟି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ଜିଲ୍ଲାପାଳ ତତ୍କାଳ ସମାଧାନ କରିଥିଲେ । ଭେଷଜ ଚିକିତ୍ସା ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଲକ୍ଷ୍ମୀ ଦେଇ, ଗ୍ରାମ ଗର୍ଭଣି ପଡ଼ା, ବୋଲଗଡଙ୍କୁ ୧୫ ହଜାର ଟଙ୍କା, ହିରାମଣୀ ବେହେରା, ଗ୍ରାମ: ମର୍ଧବାଡ଼ି, ବୋଲାଗଡଙ୍କୁ ୨୫ ହଜାର ଟଙ୍କା ଏବଂ ସେକ ଜାଫର, ଗ୍ରାମ : କୁସପଲ୍ଲା, ବୋଲଗଡଙ୍କୁ ୧୫ ହଜାର ଟଙ୍କା ଜିଲ୍ଲାପାଳ ସହାୟତା ରାଶି ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ରେଡ୍ କ୍ରସ ପାଣ୍ଠିରୁ ରମେଶ କୁମାର ସ୍ୱାଇଁ, ବୋଲଗଡଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ତଥା ଅତ୍ୟାବଶ୍ୟକ ସେବା ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ଗୁଣପୁରରେ ଜିଲ୍ଲାପାଳ ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ଗୁଣପୁର / ରାୟଗଡ଼, ୧୨/୧୦ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଅଭିଷେକ ଦିଲୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମ୍ବର ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣି କରିଥିଲେ । ଉପଖଣ୍ଡ ସ୍ତରୀୟ ଏହି ଜନ ଶୁଣାଣି ଶିବିରରେ ମୋଟ ୫୮ଟି ଅଭିଯୋଗର ପଞ୍ଜିକରଣ ହୋଇଥିବା ବେଳେ, ସେଥିରୁ ୪୨ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଦରଖାସ୍ତର ଶୁଣାଣି ହୋଇଥିଲା । ଦୁଇ ଜଣଙ୍କୁ ଚାର ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ଆଜି ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ପତ୍ର ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ରାସ୍ତା, ପାନୀୟ ଜଳ ଯୋଗାଣ, ଗ୍ରାମକୁ ବିଦ୍ୟୁତ ଯୋଗାଣ, ଭତା, ନେଟୱାର୍କ, କ୍ରୀଡା ଭିତିଭୂମି ଉନ୍ନତି ନିମନ୍ତେ ଦରଖାସ୍ତ ଭଳି ବିଭିନ୍ନ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପାରାଣୀ ବେହେରା, ବିନୋଦ କୁମାର ଗମାଙ୍ଗ, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା କୁମାରୀ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଯୋଗାଣ ଅଧିକାରୀ ଲଳିତ କୁମାର ପଟ୍ଟନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁ, ସେକ୍ସନ ଅଧିକାରୀ ଭାଡ଼ି ଶ୍ରୀନିବାସ ରାଓ, ବିନୋଦ ଶବର, ଜସ୍ମିନ ଦୋରା, ତପନ କୁମାର ରଥ ପ୍ରମୁଖ ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହର ଓ ପୋଲିସ କର୍ମଚାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ । ଜଗଦୀଶ ପଣ୍ଡା, ସୋମନାଥ ଗମାଙ୍ଗ, ଲିଙ୍ଗରାଜ ପାଢୀ, ପ୍ରଭାତ ବାଉରୀ ଆଦି ସହଯୋଗ କରିଥିଲେ ।

ହାଟଡିହି ତହସିଲକୁ ଧାଇଁ ଧାଇଁ ଅତିଷ୍ଠ ହେଲେଣି ଲୋକ

ହାଟଡିହି, ୧୨/୧୦ (ଆ.ପ୍ର) : ତହସିଲ ଦାର୍ଙ୍କୁ ନଜଣାଇ ମନ୍ ଇଛା କାର୍ଯ୍ୟ କରୁଛନ୍ତି ଅନ୍ୟ କର୍ମଚାରୀ ମାନେ, ଯାହାକୁ ନେଇ ବାରମ୍ବାର ଅଭିଯୋଗ ପରେ ମଧ ହେଉନି ସମାଧାନ କି ସୁଧୁରିନି ବ୍ୟବସ୍ଥା, ଏଭଳି କିଛି ଘଟଣା ପ୍ରତିଦିନ ଦେଖିବାକୁ ମିଳୁଛି ହାଟଡିହି ତହସିଲ କାର୍ଯ୍ୟାଳୟରେ । ଲୋକଙ୍କ ସରକାରରେ । ଲୋକଙ୍କୁ ମନ ଇଛା ଲୁଟ୍ ପାଟ କରି ନାକେଦମ୍ କରୁଛନ୍ତି କର୍ମଚାରୀ । ଜମି ଜମା କାଗଜ ପତ୍ରରେ ମାସ ମାସ ବ୍ୟାଗ୍ ଧରି ବୁଲିବାକୁ ପଡୁଛି ସାଧାରଣ ଲୋକଙ୍କୁ । ଯେତେ ବୁଲିଲେ ବି କେହି କାହା କଥା ବୁଝିବାକୁ ଚେଷ୍ଟା କରୁନଥିବା ବେଳେ କେବଳ ତାରିଖ ପରେ ତାରିଖ ଦେଇ ଘରକୁ ଫେରାଇ ଦିଆଯାଉଛି । ଯାହାକୁ ନେଇ ଲୋକେ ଅତିଷ୍ଠ ହୋଇ ବସି କାନ୍ଦୁଥିବା ନଜର ଆସୁଛି । କହିବେ କାହାକୁ ଶୁଣିବ କିଏ । ଗୋଟିଏ ଗୋଟିଏ ପ୍ରମାଣ ପତ୍ର ଦେବାପାଇଁ ଦୀର୍ଘଦିନ ସମୟ ଲାଗୁଥିବା ବେଳେ ଅନ୍ୟ କେତେକ ପ୍ରମାଣ ପତ୍ର ବାରମ୍ବାର ରିଜେକ୍ଟ କରି ଦେଉଛନ୍ତି । ଯାହାକୁ ନେଇ କେତେକ ଅଭିଯୋଗ କାରୀ ସିଧାସଳଖ ଅଭିଯୋଗ କରିବାରୁ ସେମାନଙ୍କର ତତ୍କ୍ଷଣାତ କରି ଦିଆଯାଇଥିଲା । ହେଲେ ପ୍ରଶ୍ନ ଉଠୁଛି ଯଦି ବାରମ୍ବାର ରିଜେକ୍ଟ କରୁଥିବା ପ୍ରମାଣ ପତ୍ର ଅଭିଯୋଗ ପରେ ହେଲାସଙ୍ଗେ ସଙ୍ଗେ ହେଲା କେମିତି ? ଏପରି ଗୋଟିଏ ନୁହ ଅନେକ ମାମଲା ରହିଛି ଯାହା ସରକାରଙ୍କୁ ବଦନାମ କରିବାକୁ ପୁରା ହାଟଡିହି ତହସିଲ କର୍ମଚାରୀ ଅଂଟା ଭିଡ଼ି ଥିବା ବେଳେ ତାହାର ନେତୃତ୍ୱ ନେଇଛନ୍ତି ପ୍ରମାଣ ପତ୍ର ପାସ୍ କରୁଥିବା ଡିଇଓ ସମୟ କୁମାର ଓଝା ।

ଆଂଚଳିକ ସାଧନା କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ

ନିମାପଡା, ୧୨/୧୦ (ଆ.ପ୍ର) : ସ୍ଥାନୀୟ ଅଂଚଳର ବିଭିନ୍ନ ଅଂଚଳିକ ସାଧନା କେନ୍ଦ୍ର ସ୍ତରରେ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପାଳଶ୍ରୀସ୍ଥିତ ଅନନ୍ତ ବାସୁଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛଣିଜଙ୍ଗ ନୋଡାଲ କେନ୍ଦ୍ର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ସରପଂଚ ସସ୍ମିତା ଖଟୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ଛଣିଜଙ୍ଗ ସରପଂଚ ଅଜୟ କୁମାର ପରିଡ଼ା, ଡମ୍ପାଳ ଦାମୋଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ରଣା ଏବଂ ସିଆର୍‌ସିସି ଏସ୍‌କେ ଅବଦୁଲ ମିସିକିନ ଖାଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୃତ୍ୟ ଓ ସଙ୍ଗୀତରେ ଅନନ୍ତ ବାସୁଦେବ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ । ଚଢ଼େଇଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ସେଠୀ, ପଂଚଣଖା କମିଟି ସଭାପତି ଲିଙ୍ଗରାଜ ପଣ୍ଡା, ବଳରାମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ପରିଚାଳନା କମିଟି ସଭାପତି ପଂଚରଞ୍ଜନ ମାଝୀ, ପ୍ରଧାନଶିକ୍ଷକ ବୁଧେଶ୍ୱର ବେହେରା ଓ ଶରତ ଚନ୍ଦ୍ର ଖଟୋଇଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବାହାରଣାସ୍ଥିତ ନୀଳମଣି ସ୍ମୃତି ବିଦ୍ୟାପୀଠ ପରିସରରେ ଓଡ଼ଗୁଆ ସାଧନା କେନ୍ଦ୍ରର 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଏବଂ ବିଧାୟକଙ୍କ ବିଦ୍ୟାଳୟ ପ୍ରତିନିଧି ବ୍ରଜକିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତିକ୍ଷୁଡିଗୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ କୁମାର ନାୟକ, ସିଆର୍‌ସିସି କାଳନ୍ଦୀ ଚରଣ ଜେନା, ଶିକ୍ଷକ ଶଶୀଭୂଷଣ ସାହୁ, ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ, ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ଜେନା ଏବଂ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ କୁମାର ରାଉତ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ଅନାଦି ଚରଣ ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ, ଯୁଧିଷ୍ଠିର ଖଟୋଇ, ଗୋବିନ୍ଦ ଚନ୍ଦ୍ର ଓଝାଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

କୁନାଗଡ ଠାରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୨/୧୦ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି କୁନାଗଡ଼ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ଏବଂ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଭର କୋଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣୀ ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଇର୍ଷିତା ଆଦିକ୍ୟୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା ।

ଜନଶୁଣାଣୀରେ ଜିଲ୍ଲାପାଳ ଦ୍ୱାରା ୨ଜଣଙ୍କୁ ସହାୟତା ରାଶି ପ୍ରଦାନ

ବଣାଇ, ୧୨/୧୦ (ଆ.ପ୍ର) : ଆଜି ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ସୁନ୍ଦର ଗଡ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନ ସାଧାରଙ୍କ ବିଭିନ୍ନ ଆପତି ଅଭିଯୋଗର ଯୁଗ୍ମ ଜନ ଶୁଣାଣି କରିଛନ୍ତି କ୍ଷଉକ୍ତ କାର୍ଯ୍ୟକ୍ରମରେ ମୋଟ୍ ୧୦୭ ଗୋଷଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ବ୍ୟକ୍ତି ଗତ ଭାବେ ୩୮ ଟି ଅଭିଯୋଗ ଆସିଥିବା ବେଳେ ଦଳଗତ ଭାବେ ୬୭ ଗୋଷଟି ଅଭିଯୋଗ ଆସିଥିଲା । ସେହିଭଳି ୨ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତାରାଶି ପ୍ରଦାନ କରାଯାଇ ଥିଲା । ଜିଲ୍ଲାପାଳ ପ୍ରତ୍ୟକ୍ଷରେ ୨ ଜଣଙ୍କ ଅଭିଯୋଗର ବିଚାର କରି ଶୁଣାଣି କରିଥିଲେ । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇ ଉପ-ଜିଲ୍ଲାପାଳ ସନ୍ତୋଷ କୁମାର ପାତ୍ର, ବନ ଖଣ୍ଡ ଅଧିକାରୀ ଯଶବନ୍ତ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ କୁଜଙ୍ଗ ମେଡିକାଲରେ ଜନସଚେତନତା କାର୍ଯ୍ୟକ୍ରମ

ରୋଗୀଙ୍କୁ ଖାଦ୍ୟ ଓ ଫଳ ବଂଟନ କଲା ତାଲୁକ ଆଇନ ସେବା କମିଟି

ଜଗତସିଂହପୁର, ୧୨/୧୦ (ଆ.ପ୍ର) : ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ମେଡିକାଲ ପରିସରରେ ତାଲୁକ ଆଇନ ସେବା କମିଟି, କୁଜଙ୍ଗ ପକ୍ଷରୁ ଏକ ଜନସଚେତନତା ଓ ଜନସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମାନସିକ ସ୍ୱାସ୍ଥ୍ୟ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ସହ ରୋଗୀଙ୍କ ପ୍ରତି ସହାନୁଭୂତି, ସହଯୋଗ ଓ ମାନବିକତାର ଭାବନା ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଦୀପ୍ତିପ୍ରକାଶ ବର୍ମା ଏବଂ ସିଭିଲ ଜଜ୍ ଅବକାଶ ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲେ । ସେମାନଙ୍କ ଉପସ୍ଥିତିରେ ଆଇନ ସେବା ସହ ମାନବିକ ସେବା ଓ ସାମାଜିକ ଦାୟିତ୍ୱବୋଧର ଗୁରୁତ୍ୱ ପ୍ରତିଫଳିତ ହୋଇଥିଲା । ଏଥିରେ କୁଜଙ୍ଗ ବାର୍ ଆସୋସିଏସନର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଯୋଗଦେଇଥିଲେ । ଏହାସହ ତାଲୁକ ଆଇନ ସେବା କମିଟିର କିରାଣି ସ୍ମୃତି ରଞ୍ଜନ ମହାନ୍ତି ଏବଂ ରିଟେନର ବିଚିତ୍ରାନନ୍ଦ ସେଣ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ କୁଜଙ୍ଗ ବାର୍ ଆସୋସିଏସନର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଯୋଗଦେଇଥିଲେ । ଏହାସହ ତାଲୁକ ଆଇନ ସେବା କମିଟିର କିରାଣି ସ୍ମୃତି ରଞ୍ଜନ ମହାନ୍ତି ଏବଂ ରିଟେନର ବିଚିତ୍ରାନନ୍ଦ ସେଣ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା କୁଜଙ୍ଗ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଖାଦ୍ୟ ଓ ଫଳ ବଂଟନ । ଉପସ୍ଥିତ ଅତିଥି ଓ ଆୟୋଜକମାନେ ରୋଗୀଙ୍କ ନିକଟରେ ପହଂଚି ଏହି ସେବାକାର୍ଯ୍ୟରେ ସାମିଲ ହୋଇଥିଲେ । ରୋଗୀଙ୍କ ସେବା କେବଳ ଚିକିତ୍ସା ମଧ୍ୟରେ ସୀମିତ ନ ରହି ସେମାନଙ୍କୁ ମାନସିକ ସମର୍ଥନ, ସ୍ନେହ ଓ ସହାନୁଭୂତି ପ୍ରଦାନ କରିବା ମଧ ଜରୁରୀ ବୋଲି ଏହି ପଦକ୍ଷେପ ଏକ ସାମାଜିକ ବାର୍ତା ପ୍ରଦାନ କରିଥିଲା । ମାନସିକ ସ୍ୱାସ୍ଥ୍ୟ ମଧ ଶାରୀରିକ ସ୍ୱାସ୍ଥ୍ୟ ପରି ସମାନ ଗୁରୁତ୍ୱପୂର୍ଣ୍ଣ । ମାନସିକ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ଅବହେଳା କିମ୍ବା ଭେଦଭାବ କରିବା ପରିବର୍ତେ ସେମାନଙ୍କୁ ସହଯୋଗ କରିବା, ଆବଶ୍ୟକ ସମୟରେ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ନେବା ପାଇଁ ଉତ୍ସାହିତ କରିବା ଏବଂ ସମାଜରେ ସେମାନଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଆଜିର ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଏଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ବାର୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଂଚାଇବାର ପ୍ରୟାସ କରାଯାଇଛି । ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଇନ ସେବା ସହ ଜନସେବା ଓ ମାନବିକତାକୁ ଯୋଡ଼ିବାର ଏକ ଉଦାହରଣ ପାଲଟିଛି । ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ଏବଂ ନିଃସ୍ୱାର୍ଥପର ସେବାର ବାର୍ତା ନେଇ ଏହି ପଦକ୍ଷେପ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦ୍ୟମ ଭାବେ ପରିଗଣିତ ହୋଇଛି ।

ପାର୍ବଣ ଋତୁରେ ବ୍ୟାଙ୍କ ନିକଟ ଗ୍ରୋଷରି ଦୋକାନରୁ ଚୋରି

ହାଟଡିହି, ୧୨/୧୦ (ଆ.ପ୍ର) : ହାଟଡିହି ବ୍ଲକ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ନିକଟ ଗ୍ରୋଷରି ଦୋକାନରୁ ଗତ କାଲି ରାତିରେ ଚୋରି ହୋଇଥିବା ବେଳେ ଜଣକୁ ଅଟକ ରଖି ଅଧିକ ପଚରାଉଚରା କରିବା ପରେସ୍ତ ପଦାକୁ ଆସିଥିଲା । ଯାହାକୁ ନେଇ ନନ୍ଦିପଡା ପୋଲିସ ଉକ୍ତ ଯୁବକଙ୍କୁ ଆନନ୍ଦପୁର କୋର୍ଟକୁ ପଠାଇଛି । ଏହି ଘଟଣାରେ ଦୋକାନର ମାଲିକ ଦୀପ ରଞ୍ଜନ ପାଢ଼ୀଙ୍କ ଅଭିଯୋଗ କ୍ରମେ ପ୍ରାୟ ରାତି ଗୋଟାଏ ସମୟରେ ଛୁରି ଦେଖାଇ କବାଟ ଭାଙ୍ଗି ଚୋରି କରିଥିଲେ । ଏଥିରେ ଅନେକ ସାମଗ୍ରୀ ନେଇଥିବା ବେଳେ ନଗଦ ଦେଢ଼ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଅଟକ ଥିବା ଯୁବକ ସ୍ଥାନୀୟ ଅଂଚଳ ହୋଇଥିବାବେଳେ ତାଙ୍କ ନାମ ସଞ୍ଜୟ ସେଠୀ (୨୪) ବୋଲି ସୂଚନା ମିଳିଛି । ଏହାକୁ ନେଇ ପୋଲିସ ଆଗକୁ ଦୃଢ଼ ହେଉଥିବା ବେଳେ ପ୍ରତି ଛକ ମାନଙ୍କୁ ନଜର ରଖିଛି ।

ମହିଳା ଏସୀୟ କପ୍ ଯୋଗ୍ୟତା ହାସଲ କଲେ ଭାରତୀୟ ବାଳିକା

ସେଲାୟାଙ୍ଗ, ୧୨/୧୦(ନ୍ୟୁ.ଏ): ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ ପାଇଁ ଯୋଗ୍ୟତା ହାସଲ କରିଛି ଭାରତ । ରବିବାର ମାଲେସିଆର ସେଲାୟାଙ୍ଗସ୍ଥିତ ଏମ୍‌ପି ସେଲାୟାଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନିଜର ଶେଷ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ ‘ଇ’ ମ୍ୟାଚ୍‌ରେ ଭାରତ ୪-୦ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି । ଭାରତ ପକ୍ଷରୁ ରେଡିମା ଦେବୀ ୩୦ତମ ମିନିଟ୍‌ରେ ପେନାଲ୍ଟି ବକ୍ସ ବାହାରୁ ଏକ ଚମତ୍କାର ସଟ୍ ମାଧ୍ୟମରେ ପ୍ରଥମ ଗୋଲ୍ ଦେଇଥିଲେ । ଏହି ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ପ୍ରୀତିକା ବର୍ମନ ନିକଟରୁ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୨-୦ କରିଥିଲେ । ଏହାର ମାତ୍ର ୬ ମିନିଟ୍ ପରେ ଅନୁଷ୍କା କୁମାରୀ ଆଉ ଏକ ଗୋଲ୍ ଦେଇଥିଲେ । ମ୍ୟାଚ୍‌ର ୮୭ତମ ମିନିଟ୍‌ରେ ନିଧି ପବନ କୁମାର ପ୍ରତିପକ୍ଷ ଗୋଲ୍‌ରକ୍ଷକଙ୍କୁ ଚକ୍‌ମା ଦେଇ ଖାଲି ଗୋଲ୍‌ପୋଷ୍ଟରେ ବଲ୍ ପକାଇ ଭାରତର ବିଜୟକୁ ୪-୦ରେ ପହଂଚାଇଥିଲେ । ଏହି ବିଜୟ ସହ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍‌ରେ ସ୍ଥାନ ସୁନିଶ୍ଚିତ କରିଛି । ଚଳିତ ବର୍ଷ ଆୟୋଜିତ ପୂର୍ବ ସଂସ୍କରଣରେ ଭାରତ କ୍ୱାର୍ଟରଫାଇନାଲ୍‌ରେ ପହଂଚିଥିଲା । ଏଥରର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା । ଦଳ ମୋଟ ୩ ମ୍ୟାଚ୍ ଖେଳିଥିବାବେଳେ ସବୁ ମ୍ୟାଚ୍‌ରେ ବିଜୟ ସହ ମୋଟ ୯ ପଏଂଟ ହାସଲ କରିଛି । ଏହି ତିନି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୋଟ ୨୦ ଗୋଲ୍ ଦିଆଯାଇଥିଲା । ଇରାକ୍ ବିପକ୍ଷ ମ୍ୟାଚ୍‌ରେ ଭାରତ ୧୪-୦ରେ ଓ ସିରିଆ ବିପକ୍ଷରେ ୨-୦ରେ ବିଜୟ ହାସଲ କରିଥିଲା । ୨୦୨୭ ଏସୀୟ କପ୍ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ପର୍ଯ୍ୟନ୍ତ ଚୀନ୍‌ରେ ଅନୁଷ୍ଠିତ ହେବ ।

ରଣଜୀରେ ଦମଦାର ପ୍ରଦର୍ଶନ ପରେ ଚୟନ କମିଟିକୁ ସାମିଙ୍କ ଟାର୍ଗେଟ୍

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ଚଳିତ ରଣଜୀ ଟ୍ରଫି ସିଜିନ ଆରମ୍ଭରୁ ଦମଦାର ପ୍ରଦର୍ଶନ କରିଛନ୍ତି ଦ୍ରୁତ ବୋଲର ମହମ୍ମଦ ସାମି । ଘରୋଇ କ୍ରିକେଟରେ ପୁଣିଥରେ ଚମକିଛନ୍ତି ସାମି । ବଙ୍ଗଳା ପକ୍ଷରୁ ରଣଜୀ ଖେଳୁଥିବା ସାମି ଦିଲ୍ଲୀର ବଡ଼ ବଡ଼ ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଛନ୍ତି । ଦିଲ୍ଲୀ ବିପକ୍ଷ ପ୍ରଥମ ପାଳିରେ ୪ ୱିକେଟ ଅକ୍ତିଆର କରି ନିଜର ଦକ୍ଷତାକୁ ପ୍ରତିପାଦନ କରିଛନ୍ତି । ଲଗାତାର ଘାତକ ବୋଲିଂ କରୁଥାଉଥିଲେ ସୁଦ୍ଧା ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ହୋଇପାରୁନାହିଁ । ଯାହାକୁ ନେଇ ବାରମ୍ବାର ଚୟନ କମିଟିକୁ ଟାର୍ଗେଟ କରିଆସୁଛନ୍ତି ସାମି । ଦିଲ୍ଲୀ ବିପକ୍ଷ ମ୍ୟାଚର ପ୍ରଥମ ଦିନରେ ମହମ୍ମଦ ସାମି ମୋଟ ୧୭.୩ ଓଭର ବୋଲିଂ କରି ୯ଟି ମେଡେନ୍ ଓଭର ପକାଇଥିଲେ । ତାଙ୍କର ଏହି ଘାତକ ବୋଲିଂ ଆଗରେ ଦିଲ୍ଲୀ ବ୍ୟାଟ୍ସମ୍ୟାନ୍ମାନେ ସଂଘର୍ଷ କରୁଥିବା ନଜର ଆସିଥିଲେ । ମ୍ୟାଚ୍ ପରେ ଯେତେବେଳେ ସାମିଙ୍କ ଫିଟନେସ୍ ଏବଂ ପ୍ରଦର୍ଶନ ସମ୍ପର୍କରେ ପ୍ରଶ୍ନ କରାଗଲା, ସେତେବେଳେ ସେ ବେଶ୍ ସେ ଯେଉଁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉତ୍ତର ଦେଇଥିଲେ ତାହା ସମସ୍ତଙ୍କୁ ଚକିତ କରିଥିଲା । ସେ କହିଥିଲେ, ‘ଆପଣ ମୋର ଫିଟନେସ୍ ଦେଖିପାରୁଛନ୍ତି । ଲିଖିତ ଭାବେ ରଖିଦିଅନ୍ତୁ । ଆପଣ ମତେ ଦେଖୁଛନ୍ତି, ମୁଁ ମଇଦାନରେ ଅଛି, ଖେଳୁଛି ଏବଂ ଯେଉଁଠି ସୁଯୋଗ ମିଳୁଛି ସେଠାରେ ପ୍ରଦର୍ଶନ କରୁଛି ।’ ଯେତେବେଳେ ତାଙ୍କୁ ପଚରାଗଲା ଯେ, କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଆପଣଙ୍କୁ କାହିଁକି ଟିମ୍ ଇଣ୍ଡିଆରେ ସୁଯୋଗ ମିଳୁନାହିଁ ? ଏହି ପ୍ରଶ୍ନର ଉତ୍ତର ସେ ମଜାକିଆ ଢ଼ଙ୍ଗରେ ଦେଇଥିବା ଦେଖିବାକୁ ମିଳିଥିଲା । ସେ କହିଥିଲେ କି, ‘ନା, ନା, ମୁଁ ଭଲ ବୋଲର ନୁହେଁ ।’ ତେବେ ସାମିଙ୍କ ଏହି ଉତ୍ତର ସିଧା ଚୟନ କମିଟିକୁ ଟାର୍ଗେଟ ଥିବା ଚର୍ଚ୍ଚା ହେଉଛି । କାରଣ ନିଜ ଚୟନକୁ ନେଇ କ୍ଷୋଭ ପ୍ରକାଶ କରିଥିବାବେଳେ ଭୁବିଙ୍କ କମବ୍ୟାକକୁ ନେଇ ଖୁସି ବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି । ଏହାସହ ସେ କହିଛନ୍ତି କି, ଭୁବି ବେଶୀ କଥା କୁହନ୍ତି ନାହିଁ ଏହାର ଅର୍ଥ ନୁହେଁ ଯେ, ତୁମେ ଦୀର୍ଘଦିନ ତାଙ୍କ ପ୍ରତିଭାକୁ ଅଣଦେଖା କରିବ ।

ସେନ୍‌ସେକ୍ସ ୫୪୮ ପଏଂଟ ଖସିଲା

ମୁମ୍ବାଇ, ୧୨/୧୦(ନ୍ୟୁ.ଏ): ବିଦେଶୀ ନିବେଶକ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଥିବାରୁ ଦେଶର ଦୁଇ ଷ୍ଟକ୍ ବଜାର ଉପରେ ଚାପ ରହିଛି । ଆଜି ଉଭୟ ବଜାରରେ କାରବାର ଅସ୍ଥିର ଥିଲା । ତେବେ କାରବାର ଶେଷ ବେଳକୁ ସେଥିରେ ସୁଧାର ହୋଇଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୫୪୭.୬୫ ପଏଂଟ ହ୍ରାସ ପାଇ ୭୧,୯୨୪.୬୮ ପଏଂଟରେ ବନ୍ଦ ହୋଇଥିଲା । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୫୭.୧୦ ପ୍ରତିଶତ ହ୍ରାସ ପାଇ ୨୨,୩୬୩.୩୫ ପଏଂଟରେ ବନ୍ଦ ହୋଇଥିଲା । ବିଦେଶୀ ନିବେଶକମାନେ ଅକ୍ଟୋବରରେ ଭାରତୀୟ ଇକ୍ୱିଟି ବଜାରରୁ ୪୪ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେମାନେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପାଣ୍ଠି ନେଇସାରିଲେଣି । ଆମେରିକା ବଣ୍ଡର ୟିଲ୍ଡ ଅଧିକ ରହିବା, ଅଣୋଧିତ ତୈଳ ଦର ଉଚ୍ଚା ରହୁଥିବାରୁ ବିଦେଶୀ ନିବେଶକମାନେ ଭାରତରୁ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଶେଷଜ୍ଞମାନେ କହିଛନ୍ତି । ୨୦୨୫ରେ ବିଦେଶୀ ନିବେଶକମାନେ ମୋଟ୍ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ । ଚଳିତ ବର୍ଷ ଶେଷ ହେବାକୁ ଆହୁରି ଅଢ଼େଇ ମାସ ବାକି ଥିବା ବେଳେ ସେମାନେ ତାହାର ଦୁଇ ଗୁଣା ପାଖାପାଖି ପାଣ୍ଠି ଉଠାଇ ନେଲେଣି । ଭାରତୀୟ ଷ୍ଟକ୍ ବଜାରରେ ଯେଉଁ କିଛିଟା ସ୍ଥିରତା ରହିଛି, ତାହାର ମୁଖ୍ୟ କାରଣ ହେଉଛନ୍ତି ଘରୋଇ ନିବେଶକ । ସେମାନେ ମ୍ୟୁଚୁଆଲ୍ ଫଣ୍ଡରେ ବିପୁଳ ନିବେଶ ଜାରି ରଖିଛନ୍ତି । ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍ଫି) ତଥ୍ୟ ଅନୁସାରେ ଗତ ସେପ୍ଟେମ୍ବରରେ ମ୍ୟୁଚୁଆଲ୍ ଫଣ୍ଡରେ ୩୮,୩୦୭ କୋଟି ଟଙ୍କା ନିବେଶ ହୋଇଥିଲା । ସିଷ୍ଟମେଟିକ୍ ଇନଭେଷ୍ଟମେଂଟ୍ ପ୍ଲାନ୍ (ଏସ୍‌ଆଇପି) ଜରିଆରେ ରେକର୍ଡ ୩୨,୪୯୦ କୋଟି ଟଙ୍କା ଆସିଥିଲା । ଆଜି ନିଫ୍ଟିରେ ଆପୋଲୋ ହସ୍ପିଟାଲ୍‌ସ, ଆଇଟିସି, ଟେକ୍ ମହିନ୍ଦ୍ରା, ଏଲଆଣ୍ଡଟି, ମ୍ୟାକ୍ସ ହେଲ୍‌ଥକେୟାରର ସେୟାର ମୂଲ୍ୟ ହ୍ରାସ ପାଇଥିଲା । ଏଥି ସହିତ ଡକ୍ଟର ରେଡ୍ଡିସ୍, ବଜାଜ ଅଟୋ, ଟାଟା ମୋଟର୍ସ, ଭାରତ ଇଲେକ୍ଟ୍ରୋନିକ୍ସର ସେୟାର ମୂଲ୍ୟରେ ବୃଦ୍ଧି ଘଟିଥିଲା ।

କାନ ଧରି ଅକ୍ଷର ପଟେଲଙ୍କୁ କ୍ଷମା ମାଗିଲେ ଅର୍ଶଦୀପ ସିଂହ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): କ୍ଷମା ମାଗିଛନ୍ତି ଭାରତୀୟ କ୍ରିକେଟ ଟିମର ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂହ । ସେ ଦଳ ବରିଷ୍ଠ ଖେଳାଳି ତଥା ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ କାନ ଧରି କ୍ଷମା ମାଗିଛନ୍ତି । ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ରେ ଭାରତର ଦମଦାର ବିଜୟ ପରେ ଅର୍ଶଦୀପ ମ୍ୟାଚ୍‌ରେ କରିଥିବା ନିଜର ଭୁଲ ସ୍ୱୀକାର କରିଛନ୍ତି । ବାସ୍ତବରେ ଅର୍ଶଦୀପ ସିଂହ ଭାରତର ବ୍ୟାଟିଂ ବେଳେ ଅକ୍ଷର ପଟେଲଙ୍କୁ ରନ ଆଉଟ କରି ଦେଇଥିବା କଥା କହି ତାଙ୍କୁ କ୍ୟାମେରା ସାମ୍ନାରେ କ୍ଷମା ପ୍ରାର୍ଥନା କରିଛନ୍ତି ।ରବିବାର ଇନ୍ଦୋରରେ ଖେଳା ଯାଉଥିବା ତୃତୀୟ ଟି-୨୦ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିଲା ଭାରତ । ୧୯ତମ ଓଭରର ପ୍ରଥମ ବଲରେ ଅକ୍ଷର କଭର-ପଏଂଟ ଅଂଚଳକୁ ଶଟ ମାରିଥିଲେ । ସିଙ୍ଗଲ ହେବାର ନଥିଲେ ମଧ୍ୟ ଅର୍ଶଦୀପ ଆଗୁଆ ଦୌଡୁଥିଲେ । ଅର୍ଶଦୀପ ଅଧା କ୍ରିଜକୁ ଆସି ସାରିଥିବାରୁ ଅକ୍ଷର ବାଧ୍ୟ ହୋଇ ନନଷ୍ଟ୍ରାଇକକୁ ଯାଇଥିଲେ । ହେଲେ ଭାରତ ନ ଆଉଟ ରୂପରେ ଅକ୍ଷର ପଟେଲଙ୍କୁ ହରାଇଥିଲା । ଅକ୍ଷର ଅଲରାଉଣ୍ଡର ହୋଇଥିବାରୁ ଅର୍ଶଦୀପ ତାଙ୍କୁ ଷ୍ଟ୍ରାଇକ ପାଇଁ ଛାଡ଼ିବା କଥା ଓ ପ୍ରଥମ ବଲରେ ସିଙ୍ଗଲ ପାଇଁ ବିକଳ୍ପ ହେବାର ନଥିଲା ବୋଲି ଭାଷ୍ୟକାରମାନେ ମଧ୍ୟ ସେହି ସମୟରେ କହିଥିଲେ । ଏହାପରେ ଭାରତ ବୋଲିଂ କରିବା ସହ ଅର୍ଶଦୀପ ସିଂହ ୩ ୱିକେଟ ସଫଳତା ପାଇଥିଲେ । ଭାରତ ମଧ୍ୟ ମ୍ୟାଚ୍ ଜିତି ନେଇ ସିରିଜରେ ୨-୧ରେ ଆଗୁଆ ହୋଇଯାଇଛି । କିନ୍ତୁ ଭାରତ ଜିତିବା ପରେ କ୍ୟାମେରା ସାମ୍ନାରେ ଅର୍ଶଦୀପ କାନ ଧରି ଅକ୍ଷର ପଟେଲଙ୍କୁ ରନ ଆଉଟ କରାଇଥିବାରୁ କ୍ଷମା ମାଗିଛନ୍ତି । ସେ କହିଛନ୍ତି, “ମୁଁ ଅକ୍ଷର ଭାଇଙ୍କୁ କ୍ଷମା ମାଗିବାକୁ ଚାହୁଁଛି । ସରି, ଅକ୍ଷର ଭାଇ । ମୁଁ ତୁମକୁ ରନ ଆଉଟ କରି ଦେଇଥିଲି ।” ଏହାପରେ ସେ ମ୍ୟାଚ୍‌ରେ ନିଜର ବୋଲିଂ ପ୍ରଦର୍ଶନକୁ ନେଇ ବେଶ ଖୁସି ଥିବା କହିଛନ୍ତି । ନିଜର ପ୍ରଥମ ଓଭରରେ ହିଁ ସେ ଓ୍ୱେଷ୍ଟଇଣ୍ଡିଜର ଇନଫର୍ମ କ୍ୟାପ୍ଟେନ ସାଇ ହୋପଙ୍କୁ ବୋଲ୍ଡ କରିଥିଲେ । ହୋପଙ୍କ ଭଳି ଦକ୍ଷ ବ୍ୟାଟରଙ୍କୁ ଆଉଟ କରିବା ପାଇଁ ଅତ୍ୟନ୍ତ ପ୍ରସ୍ତୁତି ଓ କୋଚିଂ ଷ୍ଟାଫଙ୍କ ପରାମର୍ଶ ଜରୁରୀ ଥିଲା ବୋଲି ଅର୍ଶଦୀପ କହିଛନ୍ତି । ହୋପ ଆଉଟ ହୋଇଥିଲେ ହେଁ ଓ୍ୱେଇଣ୍ଡିଜ ଶେଷ ଯାଏ ମ୍ୟାଚ୍‌କୁ ଜିତିବାକୁ ଚେଷ୍ଟା କରିଥିଲା । ବିସ୍ଫୋରକ ଶେରଫ ରଦରଫୋର୍ଡ ମଧ୍ୟ କ୍ରିଜରେ ରହିଥିଲେ । କିନ୍ତୁ ଅର୍ଶଦୀପ ତାଙ୍କୁ ପ୍ରଥମେ ଆଉଟ କରିଥିଲେ । ଏହାପରେ କେମୋ ପଲ ମଧ୍ୟ ଅର୍ଶଦୀପଙ୍କ ଶିକାର ବନିଥିଲେ । ଶେଷରେ ଭାରତ ୧୪ ରନରେ ମ୍ୟାଚ୍‌କୁ ଜିତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୨୨୩ ରନ କରିଥିଲା । ଦଳ ପାଇଁ ଅଭିଷେକ ଶର୍ମା ୬୯ ରନ କରିଥିଲେ । ଏହାର ଜବାବରେ ଅର୍ଶଦୀପଙ୍କ ଘାତକ ବୋଲିଂ ଯୋଗୁ ଓ୍ୱେଷ୍ଟଇଣ୍ଡିଜ ୭ ୱିକେଟ ହରାଇ କେବଳ ୨୦୯ ରନ କରିପାରିଥିଲା । ବ୍ୟାଟିଂରେ ୮ ବଲରେ ୧୧ ରନ ଓ ବୋଲିଂରେ ୩ଟି ୱିକେଟ ନେଇଥିବାରୁ ଅର୍ଶଦୀପ ସିଂହଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି ।

ସୁପ୍ରିମ୍‌କୋର୍ଟକୁ ରାଜନୀତି ଭିତରକୁ ଟାଣନ୍ତୁ ନାହିଁ: ସିଜେଆଇ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ସୁପ୍ରିମ୍‌କୋର୍ଟକୁ ରାଜନୈତିକ ଲଢ଼େଇର ମଂଚ ହେବାକୁ ଦିଆଯିବ ନାହିଁ । ଅଦାଲତ ସମସ୍ତଙ୍କ ପାଇଁ ଖୋଲା ଏବଂ ପ୍ରତ୍ୟେକ ନାଗରିକଙ୍କର ନ୍ୟାୟ ପାଇଁ ଏହାର ଦ୍ୱାରସ୍ଥ ହେବାର ଅଧିକାର ରହିଛି । କିନ୍ତୁ ଅଦାଲତକୁ ରାଜନୀତି ଭିତରକୁ ଟାଣିବା ଉଚିତ ନୁହେଁ ବୋଲି ସୋମବାର ସ୍ପଷ୍ଟ କରିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗ ନେଇ ଆଲୋଚନା କରିବାକୁ ଇଣ୍ଡି ମେଂଟର ନେତାମାନେ ସିଜେଆଇଙ୍କୁ ଭେଟିବାକୁ ଅନୁମତି ମାଗିଥିଲେ । ରବିବାର ତାଙ୍କୁ ଏକ ଚିଠି ମିଳିଥିବା ଏବଂ ସେହି ଚାଡିରେ ଅନୁରୋଧର ଉତ୍ତର ଦେଇଥିବା ସେ କହିଛନ୍ତି । ସିଜେଆଇ କହିଛନ୍ତି, ସାଧାରଣ ନାଗରିକ ହୁଅନ୍ତୁ କିମ୍ବା ନିର୍ବାଚିତ ସଂସ୍ଥାର ସଦସ୍ୟ, ସମସ୍ତେ ଅଦାଲତରେ ଆବେଦନ କରିପାରିବେ । ଆଇନ ଅନୁଯାୟୀ ଅଭିଯୋଗର ବିଚାର କରାଯିବ । ତେବେ ପ୍ରତିବାଦ ପାଇଁ ନିର୍ଦ୍ଧାରିତ ସ୍ଥାନ ରହିଛି ଏବଂ ସେଠାରେ ଆଇନ ଅନୁଯାୟୀ ଆନ୍ଦୋଳନ କରାଯିବା ଉଚିତ । ଏପଟେ, ସୁପ୍ରିମ୍‌କୋର୍ଟରେ ଶୁଣାଣି ସମୟରେ ବାର ଆସୋସିଏସନ୍‌ର ସଭାପତି ତଥା ବରିଷ୍ଠ ଓକିଲ ପ୍ରଦୀପ ରାୟ ପ୍ରତିବାଦ ବେଳେ ଓକିଲଙ୍କୁ ଅଟକ ରଖିବା ଏବଂ ଇଂଟରନେଟ୍ ସେବା ବନ୍ଦ କରାଯିବା ସମ୍ପର୍କିତ ଆବେଦନର ଶୁଣାଣି ପାଇଁ ଅନୁରୋଧ କରିଥିଲେ । ଅନ୍ୟ ବରିଷ୍ଠ ଓକିଲମାନେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଓ କଟକଣା ସମ୍ପର୍କରେ ଅଭିଯୋଗ ଉଠାଇଥିଲେ ।

ସିଇସିଙ୍କ ବିରୋଧରେ ସମସ୍ତ ଆବେଦନକୁ ମିଳିଲା ଅନୁମୋଦନ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ସମସ୍ତ ଆବେଦନକୁ ସୁପ୍ରିମକୋର୍ଟ ଅନୁମୋଦନ କରିଛନ୍ତି । ବର୍ତ୍ତମାନ ଅକ୍ଟୋବର ୨୭ ରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବେ । ନିର୍ବାଚନରେ ଅନିୟମିତତା ଏବଂ ଏସଆଇଆର୍ ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି । ଏହି ସମସ୍ତ ଆବେଦନକୁ ମିଶାଇ ସୁପ୍ରିମକୋର୍ଟ ବର୍ତ୍ତମାନ ଏକାଠି ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି ଯେ ଫର୍ମ -୬ ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ଦେଇନାହାଁନ୍ତି । ବିହାରରେ ଫର୍ମ -୬ ର କୌଣସି ସମସ୍ୟା ନଥିଲା । କିମ୍ବା କୌଣସି ପ୍ରକାରର ଅନୁମୋଦନ ଦିଆଯାଇନାହିଁ । ଅନୁମୋଦନ ହୋଇଥିବା ଆବେଦନ ଗୁଡିକ ମଧ୍ୟରେ ସମୁଦାୟ ୧୧ ଜଣ ଆବେଦନକାରୀ ଅଛନ୍ତି । ଏହି ନିର୍ବାଚନରେ ଆୟୋଗର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଯୋଶୀଙ୍କୁ ଅଭିଯୁକ୍ତ ବନାଯାଇଛି । ସଞ୍ଜୟ ରାଉତ, ଏମଏ ବେବି, ଡି ରାଜା, ମହୁଆ ମାଝି, ସୁପ୍ରିୟା ସୁଲେ ଏବଂ ଇଟି ମହମ୍ମଦ ବଶୀର ମଧ୍ୟ ଆବେଦନକାରୀ । ରାହୁଲ ଗାନ୍ଧୀଙ୍କ ବ୍ୟତୀତ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ସୌଗତ ରାୟ, ଅଖିଳେଶ ଯାଦବ ଏବଂ ତେଜସ୍ୱୀ ଯାଦବ ମଧ୍ୟ ଆବେଦନକାରୀଙ୍କ ମଧ୍ୟରେ ଅଛନ୍ତି । ଏହା ସୂଚନା ଥାଉକି, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ନାମରେ ସୁପ୍ରିମକୋର୍ଟରେ ମଧ୍ୟ ଏକ ପିଟିସନ ଦାଖଲ କରାଯାଇଛି । ଏହି ଆବେଦନକୁ ଏକ ଡାଏରୀ ନମ୍ବର ମଧ୍ୟ ଦିଆଯାଇଛି । ଏହା ପୂର୍ବରୁ ରାହୁଲ ଗାନ୍ଧୀଙ୍କ ଆଇନ ଦଳ ରେଜିଷ୍ଟ୍ରି ପାଇଁ ସୁପ୍ରିମକୋର୍ଟରେ ପହଂଚିଥିଲେ । ଇସିରେ ହୋଇଥିବା ଅନିୟମିତତା ସମ୍ପର୍କରେ ନୂଆଦିଲ୍ଲୀରେ ଚାଲିଥିବା ବିରୋଧର ପ୍ରସଙ୍ଗରେ ରାହୁଲ ବ୍ୟକ୍ତିଗତ ଭାବେ ଏହି ରିଟ ପିଟିସନ ଦାଖଲ କରିବାକୁ ସମୟ ମାଗିଥିଲେ । ଏହା ପୂର୍ବରୁ, ଇଣ୍ଡି ମେଂଟର ନେତାଙ୍କ ସହ ଆଲୋଚନା ସମ୍ପର୍କରେ ସିଜେଆଇ ରାହୁଲ ଗାନ୍ଧୀଙ୍କୁ ଏକ ବୈଠକ କରିବା ପରିବର୍ତ୍ତେ ଆବେଦନ କରିବାକୁ କହିଥିଲେ । ଏହି ସମୟରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମଧ୍ୟ କ୍ଷମତା ବିଭାଜନ ବିଷୟରେ କହିଥିଲେ । ମାମଲାର ଶୀଘ୍ର ଶୁଣାଣି ପାଇଁ ମଧ୍ୟ ନିଶ୍ଚିତ କରାଯାଇଛି ।

ରାହୁଲ, ଖଡ଼ଗେଙ୍କୁ ଭେଟିବାକୁ ମନା କଲେ ସିଜେଆଇ

ନୂଆଦିଲ୍ଲୀ, ୧୨/୧୦(ନ୍ୟୁ.ଏ): ବିଚାରାଧୀନ ମାମଲା ସମ୍ପର୍କରେ ବୈଠକ କରି ଆଲୋଚନା କରିବା ସମ୍ବିଧାନର କ୍ଷମତା ପୃଥକୀକରଣ ନୀତିର ବିରୋଧୀ । ଏହା ନ୍ୟାୟିକ ଶିଷ୍ଟାଚାର ଓ ନୈତିକତାର ମଧ୍ୟ ପରିପନ୍ଥୀ । ଏହି କାରଣ ଦର୍ଶାଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପାଇଁ ମିଳିଥିବା ଅନୁରୋଧକୁ ଖାରଜ କରିଛନ୍ତି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ । ସୋମବାର ଏକ ଚିଠିରେ ସେ ଏହି କାରଣ ଦର୍ଶାଇବା ସହ ସମ୍ପୃକ୍ତ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଇନଗତ ରାସ୍ତା ଆପଣାଇବାକୁ ଦୁଇ ନେତାଙ୍କୁ ପରାମର୍ଶ ଦେଇଛନ୍ତି । ଖଡ଼ଗେ ଓ ରାହୁଲ ଅକ୍ଟୋବର ୧୦ରେ ସିଜେଆଇଙ୍କୁ ଚିଠି ଲେଖି ସୋମବାର ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ସାକ୍ଷାତ୍ ପାଇଁ ସମୟ ମାଗିଥିଲେ । ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମ୍ପର୍କିତ ପ୍ରସଙ୍ଗ ସହ କେତେକ ଛାତ୍ରଙ୍କୁ ମନମୁଖୀ ଭାବେ ଗିରଫ କରାଯିବା, ମେଟ୍ରୋ ଷ୍ଟେସନ ବନ୍ଦ ଏବଂ ଟ୍ରେନ୍ ଚଳାଚଳ ବାତିଲ ଭଳି ଘଟଣା ଉପରେ ଦୁଇ ନେତା ଏକ ଦାବିପତ୍ର ଦେବାକୁ ଚାହୁଥିଲେ । ସିଜେଆଇ ତାଙ୍କ ଚିଠିରେ କହିଛନ୍ତି, ଏହି ପ୍ରସଙ୍ଗଗୁଡ଼ିକ ପୂର୍ବରୁ ସୁପ୍ରିମ୍‌କୋର୍ଟର ବିଚାରାଧୀନ ରହିଛି । ତେଣୁ ଏଗୁଡ଼ିକ ଉପରେ ବୈଠକ କରିବା ସମ୍ବିଧାନର ମୌଳିକ ଢାଂଚାର ଅଂଶବିଶେଷ ହୋଇଥିବା କ୍ଷମତା ପୃଥକୀକରଣ ନୀତିର ଉଲ୍ଲଂଘନ ହେବ । ସୁପ୍ରିମ୍‌କୋର୍ଟର ପ୍ରଶାସନିକ କ୍ଷମତା ଏପରି ଅଭିଯୋଗର ସମାଧାନ ପାଇଁ ନୁହେଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ତେବେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବା ସୁପ୍ରିମ୍‌କୋର୍ଟଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି । ସମ୍ବିଧାନର ଧାରା ୩୨ ଓ ନ୍ୟାୟିକ ସମୀକ୍ଷା କ୍ଷମତା ଅନୁଯାୟୀ ଅଦାଲତ ଏଭଳି ଅଭିଯୋଗର ବିଚାର କରିପାରିବେ । ତେଣୁ ପ୍ରଶାସନିକ ସ୍ତରରେ ଦାବିପତ୍ର ଦେବା ପରିବର୍ତ୍ତେ ଆଇନଗତ ପ୍ରକ୍ରିୟାରେ ଆବେଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସିଜେଆଇ ଆହୁରି କହିଛନ୍ତି ଯେ ସମାନପ୍ରସଙ୍ଗସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ମଙ୍ଗଳବାର ହେବାକୁ ଧାର୍ଯ୍ୟ ହୋଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das